

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

## ବ୍ରହ୍ମପୁରର ଠାକୁରାଣୀ ଯାତ୍ରା

ଗଂଜାମର ଅନନ୍ୟ ପରମ୍ପରା

## ଦଣ୍ଡନାଚ

## ବାବୁଭାଇଙ୍କ ନିଜକଥା

ଅମୃତ ସନ୍ତାନ
ବିଧି
ଗଜଲ
ଦେହର ଭୋକ
ଆଲାର୍ମ
ଦୁର୍ନୀତିର କଳାବାଦଲ
ତୁମେ ଆସିବ ବୋଲି
ସ୍ୱପ୍ନମନସ୍କ
ନିରୁଦ୍ଦିଷ୍ଟ ବସନ୍ତ
କଳାକାର
ପାହାଡ଼ ସେପଟେ
ଭଗବାନଙ୍କ ଅସ୍ତିତ୍ୱ
ବିବର୍ଣ୍ଣ ଅପରାହ୍ନ
ମୁକ୍ତ ମନର ବିଚାର
ଭାରତ ଏବେ କେମିତି

ଅଷ୍ଟମ ବର୍ଷ, ତୃତୀୟ ସଂଖ୍ୟା, ଅପ୍ରେଲ ୨୦୧୩

# ଆହ୍ୱାନ



'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଅପ୍ରେଲମାସର ସଂସ୍କରଣ, ଓଡ଼ିଆ ମାସ ମାନଙ୍କ ମଧରେ ମହାବିଷୁବ ସଂକ୍ରାନ୍ତି ଓ ହିନ୍ଦୁ ନବବର୍ଷର ସମୟ | ଏହିପରି ଏକ ପବିତ୍ର ସମୟରେ ଏହି ସଂସ୍କରଣକୁ ଆପଣ ମାନଙ୍କୁ ଭେଟି ଦେଉଥିବାରୁ ମୁଁ ଆନନ୍ଦ ଅନୁଭବ କରୁଛି ଏବଂ ଆଶା କରୁଛି ଚଳିତ ମାସର ଏହି ପତ୍ରିକା ଆପଣ ମାନଙ୍କୁ ଆମୋଦିତ କରିବ |

ଓଡ଼ିଆ ଭାଷା ଓ ସାହିତ୍ୟ ଏକ ବୃହତର ବିଷୟ, ଆମେ ମାତ୍ର କାଣିଚାଏ ବାଲିକୁ ମୁଠାରେ ଧରି ସମୁଦ୍ରକୁ ପାଇଗଲା ପରି ଅନୁଭବ କରୁଛୁ ଯାହା | ଭାଷା ଓ ସାହିତ୍ୟ କୌଣସି ବ୍ୟକ୍ତି ବା ସମୁହ କିମ୍ବା ସଂସ୍ଥାର ଅଧିକୃତ ବିଷୟ ନୁହେଁ, କିନ୍ତୁ ଆମ ରାଜ୍ୟର କଥା ନିଆରା | ଏଠି ସାହିତ୍ୟକୁ ନେଇ ଅନେକ ରାଜନୀତି | ସେଇ ରାଜନୀତିରେ ପୁରସ୍କାର ପାଇବା ପାଇଁ ଏକ ଦୌଡ଼ | ସମସ୍ତେ ଚାହାନ୍ତି ନିଜ ପୁସ୍ତକ ବା ସଂକଳନକୁ ପୁରସ୍କାର ମିଳୁ | ଅନେକ ଲେଖକ ଓ ପ୍ରକାଶକ ବନ୍ଧୁଙ୍କ ସହ ବାର୍ତ୍ତାଳାପ କରି ଏହି ସାମାନ୍ୟ କଥା ମୁଁ ଉପଲବ୍ଧି କରିଛି | ଜଣେ ବନ୍ଧୁ କହିଲେ ମୁଁ ଗୋଟିଏ କବିତା ସଂକଳନ ପ୍ରକାଶ କରି ପୁରସ୍କାର ପାଇଁ ପଠାଇଛି | ଏହା ଅତ୍ୟନ୍ତ ଆନନ୍ଦର ବିଷୟ | ହେଲେ ଯେତେବେଳେ ବହିଟି ଦେଖିବାପାଇଁ ମାଗିଲି ସେ କହିଲେ ମୁଁ ମାତ୍ର ଚାରିଟା କପି ଛାପିଛି | ଗୋଟିଏ ସାହିତ୍ୟ ଏକାଡ଼େମୀକୁ ଦେଇଛି, ଆଉ ଦୁଇଟା ରାମମୋହନ ରାୟ ଲାଇବ୍ରେରୀକୁ | ଆଉ ଗୋଟିଏ ନିଜ ଘରେ ଠାକୁରଙ୍କ ସାମନାରେ ବସେଇ ଦେଇଛି | ଦେଖାଯାଉ କଣ ହେଉଛି ? ମାତ୍ର ଚାରିଖଣ୍ଡ ପୁସ୍ତକ ଛାପି ଲେଖକ ପୁରସ୍କାର ପାଇବା ଆଶା କରୁଛନ୍ତି, କିନ୍ତୁ ସେମିତି ଲେଖାର ମହତ୍ତ୍ୱ କଣ ? ଯଦି ସେ ଲେଖା ସାଧାରଣରେ କେହି ପଢ଼ିଲେ ନାହିଁ ? ସେ ହସିଦେଇ କହିଲେ ବହି ଛାପିବା ପାଇଁ ପଇସା କାହିଁ ? ମାଷ୍ଟ୍ର ଚାକିରୀରେ ଥାଇ ଏ ସବୁ କରିହେଉଛି କି ? ସତକଥା |

ଆମେ ସବୁ ଯେଉଁମାନେ ଇଣ୍ଟରନେଟକୁ ନିଜର ଘର କରି ଦେଇଛୁ, ଏଠି ପୁସ୍ତକ ଛାପି ପଢ଼ିବାପାଇଁ ଦେଉଛୁ, କେହି କେବେ ନିରୁତ୍ସାହିତ ହେଉନୁ | କେତେ ଜଣ ପୁସ୍ତକ ପଢ଼ିଲେ ତାହା ଜାଣିବାକୁ ଚାହିଁନୁ | ହେଲେ ଏମିତି କିଛି ବନ୍ଧୁ ଅଛନ୍ତି ଯେଉଁମାନେ ଏହି ଫେସବୁକ ଭଳି କିଛି ସୋସିଆଲ୍ ମେଡ଼ିଆ ସାଇଟରେ ଓଡ଼ିଆ ଭାଷା ପ୍ରଚାର ପାଇଁ ଗ୍ରୁପମାନ ନିର୍ମାଣ କରି ଦୈନିକ ଶହ ଶହ ଓଡ଼ିଆରେ ଲେଖା ଛାଡୁଛନ୍ତି | ଏହା

ଅତ୍ୟନ୍ତ ଖୁସିର ବିଷୟ ସତ, ହେଲେ ସେଥିରେ ଅନେକ ବ୍ୟାକରଣଗତ ତୃଟି ରହିଯାଉଛି | ଯେଉଁ ତୃଟି ସାଧାରଣତଃ ଜଣେ ଅନଭିଜ୍ଞ ମୁର୍ଖ କରିବ ସେଇମିତିକା ଭୂଲ ରହୁଛି | କହିଲେ କହୁଛନ୍ତି, 'ସବୁ ଚଳୁଛି' | ସତ କଥା, ଯେତେବେଳେ ସକାଳୁ ଉଠୁ ଉଠୁ ଆମଘର ପିଲା ମାଆକୁ ମମ୍ମି କରିଦେଉଛି ସେତେବେଳେ ଆମେ ଖାଣ୍ଟି ଓଡ଼ିଆର ଦାବୀ କରିବା ବୃଥା, ହେଲେ ଆମ ମନ ମାନୁନି | ସ୍ନେହରେ ବୁଝେଇବାକୁ ଗଲେ କହୁଛନ୍ତି ଆମ ଗ୍ରୁପରେ ଷାଠିଏ ହଜାର ସଦସ୍ୟ, କେହି କିଛି କହୁନାହାନ୍ତି, ଆପଣ ତୁଚ୍ଛାଟାରେ ଅଭିଯୋଗ କରୁଛନ୍ତି ! ଆଉ ଜଣେ ଅତିଜ୍ଞାନୀ ବନ୍ଧୁ କହିଲେ ଆମେ କୋଉ ଓଡ଼ିଆ ଲେଖି ଜାଣିଛୁ ? ସ୍କୁଲରେ ପଢ଼ିଲା ବେଳେ ଯାହା ଲେଖୁଥିଲୁ ସବୁ ଭୁଲି ଗଲୁଣି, ତେଣୁ ଭୁଲ୍ ହେଇଯାଉଛି ? ଆରେ ବାବୁ ଯଦି ଭୁଲ କରୁଛ ଆଗ ଶିଖ ପରେ ଲେଖ | ନା ସେ ସବୁ ହେବନି | ଆମେ ସବୁଠୁ ବଡ଼ ଗ୍ରୁପ କରିଛୁ, ଆମର ସଦସ୍ୟ ବେଶୀ ଇତ୍ୟାଦି ଇତ୍ୟାଦି କହି କଥା ବାଆଁରେଇ ଦେଲେ ସିନା ଶୁଣିବାକୁ ନାରାଜ |

ଆଉ ଜଣେ ଭଦ୍ରବ୍ୟକ୍ତି କହିଲେ, ମୁଁ କନ୍‌ଭେଣ୍ଟରେ ପଢ଼ିଚି ମୋତେ ଓଡ଼ିଆ ଆସେନି, ତେଣୁ ଭୁଲ ହେଇଯାଉଛି | ତା ମାନେ ତୁମେ ଯାହା ଇଚ୍ଛା ତାହା ଲେଖିବ ଆଉ କହିବ ଏଇଟା ଓଡ଼ିଆ !!!

ଓଡ଼ିଆରେ ଗୋଟିଏ କଥା ଅଛି, 'ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ?', ତେଣୁ ଏଇ ଯେତେଜଣ ବନ୍ଧୁ ସବୁ ନିଜ ଆଖିକାନ ବନ୍ଦ କରିଦେଇ ଭୁଲ ଓଡ଼ିଆରେ ପ୍ରଚାର କରୁଛନ୍ତି ସେମାନଙ୍କୁ ବାଟକୁ ଆଣିବାର କୌଣସି ଉପାୟ ଅନ୍ତତଃ ମୁଁ ପାଉନି | ଭଗବାନ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ, ଓଡ଼ିଆର ଜୟ ହେଉ | ଏହି କାମନା ସହ ଉପସ୍ଥାପନା କରୁଛି ଅପ୍ରେଲ ମାସର ସଂସ୍କରଣ |

ଏହି ସଂସ୍କରଣରେ ଗଞ୍ଜାମର ପ୍ରସିଦ୍ଧ ଦଣ୍ଡନାଚ, ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ବିଷୟରେ ବିଶେଷ ଉପସ୍ଥାପନା ରହିଛି | ଏହା ସହିତ୍ ଏକ ବିଶେଷ ଆଲେଖ୍ୟ ରହିଛି ଗଞ୍ଜାମର ପ୍ରସିଦ୍ଧ ଦଣ୍ଡନାଚ ବିଷୟରେ | ଏହା ସହିତ ଏକ ଧାରାବାହିକ କାହାଣୀ ବି ଆରମ୍ଭ କରିଛୁ | ଆଶା କରୁଛି ଆପଣ ମାନଙ୍କୁ ପସନ୍ଦ ଆସିବ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର


ପ୍ରବନ୍ଧ ବିଭାଗ ୬

ବଳାତ୍କାର ୭
ସନ୍ତୋଷ ମହାରଣା

ଭଗବାନଙ୍କ ଅସ୍ତିତ୍ୱ ୯
ବାଲ୍ମୀକି ନାୟକ

ବିବର୍ଣ୍ଣ ଅପରାହ୍ନ ୧୧
ଆଶାରାଣୀ ବେଉରା

ଉତ୍କଳ ଏବଂ ଜଗନ୍ନାଥ ସଂସ୍କୃତି ୧୩
ସୁଷମା ତ୍ରିପାଠୀ

କବିତା ବିଭାଗ ୧୮

ଭାରତ ଏବେ କେମିତି ୧୯
ଶ୍ୟାମା ପ୍ରସାଦ ରଥ

ପାହାଡ଼ ସେପଟେ ୨୦
ଉର୍ମିଳା ମିଶ୍ର

ନିରୁଦ୍ଦିଷ୍ଟ ବସନ୍ତ ୨୧
ସୁନୀଲ ମିଶ୍ର

ସ୍ୱପ୍ନ ମନସ୍କ ୨୨
ପ୍ରକାଶ ରଞ୍ଜନ ପରିଡ଼ା

ତୁମେ ଆସିବ ବୋଲି ୨୪
ରଶ୍ମୀରଞ୍ଜନ କର

ଦୁର୍ନୀତିର କଳାବାଦଲ ୨୫
ସୁବ୍ରତ କୁମାର ଦାଶ

ଦେହର ଭୋକ ୨୬
ଚିରଞ୍ଜୀବ କର

ଗଜଲ୍ ୨୮
ସୌମ୍ୟ ସାରସ୍ୱତ ଦାଶ

ବିଧି ୨୯
ରଞ୍ଜନ କୁମାର ପାଣିଗ୍ରାହୀ

ମନେ ହୁଏ ବେଳେ ବେଳେ ୩୦
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଗଳ୍ପ ବିଭାଗ ୩୧

ବାବୁ ଭାଇଙ୍କ ନିଜ କଥା ୩୨
ଅରବିନ୍ଦ ଆଚାର୍ଯ୍ୟ

ଆଲାର୍ମ୍ ୩୭
ବିଭୁ ପ୍ରସାଦ ମିଶ୍ର

ଆମ ଯାନିଯାତ୍ରା ଆମ ପରମ୍ପରା ୪୦

ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ୪୧
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଗଞ୍ଜାମର ଅନନ୍ୟ ପରମ୍ପରା: ଦଣ୍ଡନାଚ ୪୫
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପୁସ୍ତକ ସମୀକ୍ଷା ୫୨

'ମୁକ୍ତ ମନର ବିଚାର' ପୁସ୍ତକ ସମୀକ୍ଷା ୫୩

ବିଶେଷ ସୂଚନା ୫୫

# ପ୍ରବନ୍ଧ ବିଭାଗ

# ବଳାତ୍କାର



ସନ୍ତୋଷ ମହାରଣା

ବଳାତ୍କାର ଏମିତି ଏକ ଅପରାଧ, ଯାହାପାଇଁ ଉପଯୁକ୍ତ ଦଣ୍ଡ ବ୍ୟବସ୍ଥା ବୋଧହୁଏ ଏ ପର୍ଯ୍ୟନ୍ତ କୌଣସି ସଭ୍ୟ ସମାଜର ଆଇନରେ ସ୍ଥାନ ପାଇ ନାହିଁ | ଆଜି ମଧ ଖବର କାଗଜରେ କୌଣସି ଧର୍ଷଣର ଖବର ପ୍ରକାଶ ପାଇବା ମାତ୍ରେ ଆମେ ତାକୁ ବହୁତ ଆଗ୍ରହ ସହକାରେ ପଢୁ | କିଏ ଧର୍ଷଣ କଲା, କାହାକୁ ଧର୍ଷଣ କରାଯାଇଛି, ଏମିତି ବହୁତ ତଥ୍ୟ | ଏସବୁ ପଢ଼ିଲାବେଳେ ଆମେ ବୋଧହୁଏ ଭୁଲିଯାଉ, ବଳାତ୍କାରର ଶିକାର ହୋଇଥିବା ଝିଅଟିର ଜୀବନ ଯନ୍ତ୍ରଣା | ଗୋଟିଏ ନାରୀର ଇଜ୍ଜତ ଲୁଟିଗଲାପରେ ଏ ସମାଜ ତାକୁ ନୀଚ ଦୃଷ୍ଟିରେ ଦେଖେ | ସେ ସମାଜରେ ତାର ସ୍ଥିତି ହରାଇବସେ | ଜୀବନ ତା'ପାଇଁ ମଲା ଯନ୍ତ୍ରଣାଠାରୁ ଆହୁରି ବଳିଯାଏ | ସେ କାହାର ପ୍ରେମିକା କିମ୍ବା ପତ୍ନୀ ହେବାର ଯୋଗ୍ୟତା ହରେଇବସେ | ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ବଞ୍ଚିବା ତା'ପାଇଁ ବହୁତ କଷ୍ଟକର ହୋଇଯାଏ | ସେ ତାର ପରିବାର, ପ୍ରିୟଜନ ଓ ସାହିପଡ଼ିଶାଙ୍କୁ ମୁହଁ ଦେଖାଇବାକୁ ଲଜ୍ଜା ବୋଧ କରେ | ଏ ସବୁ ଦୃଷ୍ଟିରୁ ଦେଖିଲେ ଆମ ସମାଜରେ ଗୋଟିଏ ନାରୀପାଇଁ ତାର ମାନ ବା ଇଜ୍ଜତ ଯେ କେତେ ମୂଲ୍ୟବାନ ତାହା ସହଜରେ ଜାଣିହୁଏ | ତେଣୁ ଯେଉଁ ସମାଜରେ ନାରୀର ଇଜ୍ଜତ ପ୍ରତି ଗୁରୁତ୍ୱ ଦିଆଯାଉଛି, ସେହି ସମାଜ ସତରେ କଣ ନାରୀ ସୁରକ୍ଷା ଓ ଇଜ୍ଜତ ପ୍ରତି ସେତିକି ସଚେତନ ?

ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ | ଏଠି ସମାଜର ହର୍ତ୍ତା, କର୍ତ୍ତା, ଦୈବ ବିଧାତା ସବୁହେଲେ ପୁରୁଷ | ତାଙ୍କର ନିର୍ଦ୍ଦେଶ ଓ ଇଙ୍ଗିତରେ ଏ ସମାଜ ପରିଚାଳିତ ହୁଏ | ଏଠି ନାରୀକୁ ମା' ଭଉଣୀ, ପତ୍ନୀର ମର୍ଯ୍ୟାଦା ଦିଆଯାଏ ସତ ହେଲେ କୌଣସି ନା କୌଣସି ବାହାନାରେ ନାରୀକୁ ଶୋଷଣର ଶିକାର ହେବାକୁ ପଡୁଛି | ଧର୍ଷଣର ଶିକାର ହୋଇଥିବା ନାରୀକୁ ଅପନିନ୍ଦିତ ହେବାକୁ ପଡ଼େ ଅଥଚ ଆମ ସମାଜରେ ଧର୍ଷଣ କରିଥିବା ପୁରୁଷ ମାନଙ୍କ ପ୍ରତି କୌଣସି ବାସନ୍ଦ ନଥାଏ | ଧର୍ଷଣକୁ ନିଜ ପୁରୁଷତ୍ୱର ଅଧିକାର ଓ ପ୍ରମାଣ ବୋଲି ମଧ ଅନେକ ଚିନ୍ତା କରନ୍ତି | ଏପରି ବିକୃତ ମାନସିକତାର ଅନ୍ତ ନାହିଁ |

ଏହାର ଅନେକ କାରଣ ଥାଇପାରେ, ଆଧୁନିକତା ନାମରେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ନାରୀମାନେ ଆଦରି ନେଇଥିବା ଅର୍ଦ୍ଧନଗ୍ନ ପୋଷାକଶୈଳୀ, ଅଶ୍ଳୀଳ ଚଳଚ୍ଚିତ୍ର, ଅବାଧ ଯୌନସମ୍ପର୍କ, ଉପଯୁକ୍ତ ଯୌନଶିକ୍ଷାର ଅଭାବ ଓ ସର୍ବୋପରି କୋହଳ ଦଣ୍ଡ ବ୍ୟବସ୍ଥା |

ବଳାତ୍କାର ଏକ ଜଘନ୍ୟ ଅପରାଧ | ଯଦିଓ ପାଶ୍ଚାତ୍ୟ ଦେଶ ମାନଙ୍କରେ ଅବାଧ ଯୌନ ସ୍ୱାଧୀନତା ଦିଆଯାଇଛି, ତେବେ ସେଠାରେ ଏହାର ସଂଜ୍ଞା ଭିନ୍ନ | ଆମେରିକାଦି ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ୱାମୀ ଯଦି ସ୍ତ୍ରୀର ବିନା ଅନୁମତିରେ ଯୌନ ସମ୍ପର୍କ କରେ ତେବେ ଏହାକୁ ବୈବାହିକ ଧର୍ଷଣ ବୋଲି ଧରାଯାଇଛି | (ସଂପାଦକ : ଆମ ଦେଶରେ ବି ଏମିତି ବ୍ୟବସ୍ଥା ରହିଛି) | ଧର୍ଷଣର ପ୍ରଭାବ ଶରୀର ଅପେକ୍ଷା ମାନସିକତା ଉପରେ ଅଧିକ ପଡ଼େ | ଆମ

ଦେଶରେ ନାରୀମାନେ ପ୍ରତିଦିନ ଚାକିରୀ ବା କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନାର ଶୀକାର ହେଉଛନ୍ତି, କିନ୍ତୁ ଲୋକନିନ୍ଦା ଏବଂ ଭୟରେ ଏହାର ବିରୋଧ କରୁନାହାନ୍ତି | ଏହା ଫଳରେ ସେମାନେ ଏହି ପ୍ରକାରର ଅପରାଧକୁ ପ୍ରଶ୍ରୟ ଦେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ | ଅନେକ ଏହାର ବିରୋଧ କରିଛନ୍ତି, କେହି କେହି ସମାଜ ଓ ଲୋକନିନ୍ଦା ଭୟରେ ଆତ୍ମହତ୍ୟାପରି କଠୋର ପଦକ୍ଷେପ ବି ନେଇଛନ୍ତି |

ବଳାତ୍କାରର ଶିକାର ନାରୀଟିଏ ଯଦିନିଜ ଅସ୍ତିତ୍ୱ ହରାଇ ବସେ ତେବେ ତାକୁ ଏପରି ସ୍ଥିତିରେ ଆଣି ପହଞ୍ଚାଇଥିବା ପୁରୁଷ ଦୋଷୀ ହେବ ନାହିଁ କାହିଁକି ? ବଳାତ୍କାର ପରି ଘଟଣା ପରେ ସମାଜ, ଆଇନ କାନୁନ ବ୍ୟବସ୍ଥା ଏବଂ ସରକାରଙ୍କୁ ଦୋଷ ଦେଇ ଆମେ ଶାନ୍ତିରେ ନିଃଶ୍ୱାସ ମାରୁ, ହେଲେ ଚିନ୍ତା କରି ଦେଖନ୍ତୁ ତ ଏଥିରେ ଦୋଷ କାହାର ? ଏଥିପାଇଁ କେତେକାଂଶରେ ଆମେ ନିଜକୁ ଦାୟୀ ବୋଲି ଧରିନେବା ଉଚିତ | ନାରୀ ସଶକ୍ତିକରଣ ଦ୍ୱାରା ମିଳୁଥିବା ସ୍ୱାଧୀନତାକୁ ଆମେ ସହି ପାରୁନାହେଁ | ଅପରପକ୍ଷେ ନାରୀ ସଶକ୍ତିକରଣ ବା ସ୍ୱାଧୀନତାର ଅର୍ଥ ନୁହେଁ ଯେ କେବଳ ଦୁଇପଦ ଇଂରାଜୀରେ କଥା କହିବା କିମ୍ବା ଅଧାଲଙ୍ଗଳା ପୋଷାକ ପିନ୍ଧି ଅନ୍ୟକୁ ଆକର୍ଷଣ କରିବା, ଏହାର ଅର୍ଥ ହେଲା ଝିଅଟି ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଦକ୍ଷତା ଅର୍ଜନ କରିବ |

ସର୍ବୋପରି ସମାଜରେ ପୁରୁଷମାନେ ବି ନିଜ ଚିନ୍ତାଧାରରେ ପରିବର୍ତ୍ତନ ଆଣିବା ନିତାନ୍ତ ଜରୁରୀ | ସେମାନେ ନାରୀର ସ୍ୱାଧୀନତା ପ୍ରତି ସଚେତନ ହେବା ଦରକାର | ଏହା ଏକ ଏପରି ସମସ୍ୟା ଯାହାପାଇଁ ଉପଯୁକ୍ତ ଦଣ୍ଡ ବ୍ୟବସ୍ଥା କରିବା ଏକ କଷ୍ଟକର ବ୍ୟାପାର | ଏହିପରି ଏକ ଜଘନ୍ୟ ଅପରାଧପାଇଁ ମୃତ୍ୟୁଦଣ୍ଡର ପ୍ରାବଧାନ କରିବାପାଇଁ ବିଭିନ୍ନ ମହଲରେ ଦାବୀ ହୋଇଆସୁଛି | ସେ ଯାହେଉ ଅପରାଧ ଘଟିଯିବାପରେ ଜଣେ ନିରୀହା ଯୁବତୀର ଲୁଣ୍ଠିତ ଇଜ୍ଜତକୁ ଆଉ ଫେରାଇ ଆଣିହେବନି |

ଏହିପରି ଅପରାଧକୁ ରୋକିବାପାଇଁ ଆମେ ସମସ୍ତେ ନିଜ ବିବେକର ସୁଇଙ୍ଗିତରେ ପରିଚାଳିତ ହୋଇ ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବା ଏବଂ ଚେଷ୍ଟା କରିବା ଉଚିତ |

# ଭଗବାନଙ୍କ ଅସ୍ତିତ୍ୱ



ବାଲ୍ମୀକି ନାୟକ

ପ୍ରଶ୍ନ : ଭଗବାନ ଅଦୃଶ୍ୟ, ପବନ ବି ଅଦୃଶ୍ୟ ଅଥଚ ପବନର ଅସ୍ତିତ୍ୱ ନାହିଁ ବୋଲି କେହି ସ୍ୱୀକାର କରୁନାହାନ୍ତି | ଦୁନିଆରେ ଏମିତି ଅନେକ ଜିନିଷ ଅଛି ଯାହା ଆଖିକୁ ଦେଖାଯାଏନି କିମ୍ବା ଅନୁଭବ କରିହୁଏନି ତଥାପି ସେ ସବୁ ଜିନିଷ ଦୁନିଆରେ ଅଛି | ସେହିଭଳି ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଯିବ ନାହିଁ କାହିଁକି ?

ଉତ୍ତର : ପବନ ଆଖିକୁ ଦେଖା ନ ଗଲେ ବି ତା'ର ବେଗ, ଦିଗ, ଉତ୍ତାପ (ଗରମ ବା ଥଣ୍ଡା) ତ ଅନୁଭବ କରି ହେଉଛି | ସେହିଭଳି ଆହୁରି ଅନେକ ଜିନିଷ ଆଖିକୁ ଦେଖା ନଗଲେ ବି ସେ ସବୁ ଅଛି, ଏହା ନିଶ୍ଚିତ | ବିଜ୍ଞାନର ଭାଷାରେ ସେମାନଙ୍କୁ ବସ୍ତୁ ଶ୍ରେଣୀରେ ବି ଗଣନା କରାଯାଏନି କାରଣ ବସ୍ତୁର କିଛି ଓଜନ ଥିବା ଦରକାର ଏବଂ ସେ କିଛି ସ୍ଥାନ ଅଧିକାର କରୁଥିବା ଦରକାର | ସେହି ଭାବରେ ଗନ୍ଧ, ଆଲୋକ, ବିଦ୍ୟୁତ, ଉତ୍ତାପ ଆଦି ବସ୍ତୁ ନୁହନ୍ତି କିନ୍ତୁ ଏମାନେ ବିଦ୍ୟମାନ | ଏମାନେ କେହି ଆଖିକୁ ଦେଖାଯାଆନ୍ତି ନାହିଁ | ଗନ୍ଧକୁ କେବଳ ଶୁଂଘିକରି ଜାଣିହୁଏ, ସ୍ୱାଦକୁ ଜିଭ ଦ୍ୱାରା ଚାଖିକରି ଅନୁଭବ କରିହୁଏ | ଶବ୍ଦକୁ କେବଳ କାନଦ୍ୱାରା ଶୁଣିକରି ଅନୁଭବ କରିହୁଏ | ଆଲୋକକୁ କେହି ଦେଖିପାରନ୍ତିନି କିନ୍ତୁ ଆଲୋକ ଦ୍ୱାରା ଆମ ଆଖିକୁ ବିଭିନ୍ନ ଜିନିଷ ଦେଖାଯାଏ | ସୂର୍ଯ୍ୟଠାରୁ ୯୩୦ ଲକ୍ଷ ମାଇଲ ଦୂର ଅତିକ୍ରମ କରି ଆଲୋକ ପୃଥିବୀରେ ପହଞ୍ଚୁଛି | ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଥିବା କୌଣସି ସ୍ଥାନରେ ଆଲୋକର ସ୍ୱରୂପ ଜାଣିହୁଏନି | ତା'ଛଡ଼ା ବିଦ୍ୟୁତର ପ୍ରତ୍ୟକ୍ଷ ରୂପକୁ ଜାଣି ହୁଏନି, କିମ୍ବା ଜାଣିବାର କୌଣସି ଉପାୟ ନାହିଁ, ତଥାପି ବିଦ୍ୟୁତକୁ ଆମେ ଆଲୋକ, ଶକ୍ତି ଓ ଉତ୍ତାପ ରୂପେ ହିଁ ଅନୁଭବ କରୁଛୁ | ଅନେକ ସତ୍ତାକୁ ଆମେ ଖାଲି ଆଖିରେ ଦେଖି ନ ପାରିଲେ ମଧ୍ୟ ବିଜ୍ଞାନ ସୃଷ୍ଟ ଯନ୍ତ୍ରପାତି ସାହାଯ୍ୟରେ ସେ ସବୁକୁ ଆମେ ଦେଖିପାରୁଛୁ, ଯେମିତି ଜୀବାଣୁ ଓ ବୀଜାଣୁକୁ ଦେଖୁ | ଉପରୋକ୍ତ ସମସ୍ତ ଉଦାହରଣରୁ ବୁଝା ପଡୁଛି ଯେ, ସମସ୍ତ ଅସ୍ତିତ୍ୱ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ବସ୍ତୁ କିମ୍ବା ଶକ୍ତି ଭାବରେ ପ୍ରକଟିତ ହେଉଛି, କିନ୍ତୁ ଭଗବାନଙ୍କ ଅସ୍ତିତ୍ୱ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଆଦୌ ପ୍ରକଟିତ ହେଉନାହିଁ | ତାଙ୍କୁ କେବଳ ଆରୋପିତ କରାଯାଉଛି, କେତେବେଳେ ପ୍ରକୃତିର ନିୟମକର୍ତ୍ତା ହିସାବରେ, କେତେବେଳେ ସମଗ୍ର ପ୍ରାଣୀଜଗତର ଦୟାଳୁ ସଂରକ୍ଷକ ଭାବରେ ପୁଣି କେତେବେଳେ ମଣିଷ ଜାତିର

ଭଲମନ୍ଦ କର୍ମର ନ୍ୟାୟକର୍ତ୍ତା ହିସାବରେ |

'ପ୍ରତ୍ୟକ୍ଷଭାବେ ଆଖିକୁ ଦେଖାଯାଉ ନଥିବା ବସ୍ତୁଭଳି ଭଗବାନଙ୍କ ଅସ୍ତିତ୍ୱ ବି ସତ୍ୟ ହୋଇପାରେ' ବୋଲି ଯୁକ୍ତି କରାଯାଏ | ସମ୍ଭାବନାର ସ୍ଥିତି ନଥାଇ ବି ଆମେ ତାକୁ ସତ୍ୟବୋଲି ମାନିନେବାଟା କଣ ନିହାତି ଜରୁରୀ? ସମ୍ଭାବନା ଭୁଲ ବି ହୋଇପାରେ | 'ହୋଇପାରେ' - ଏହା ଭାବିବାଟା ନିଜ ମନର ଦୁର୍ବଳତାକୁ ଏକ ଠେସ୍ (Support) ଦେବା କଥା ମାତ୍ର | ଏହି ଦୁର୍ବଳତା ଆରମ୍ଭରୁ ଧର୍ମଯାଜକ ମାନଙ୍କ ଦ୍ୱାରା ଗଢ଼ାଯାଇଥିବା ବ୍ୟବସ୍ଥା କାରଣରୁ ଓ ବାରମ୍ବାର ଆମ ମସ୍ତିଷ୍କରେ ଭର୍ତ୍ତି କରାଯାଇଥିବା (ଭଗବାନ) ବିଶ୍ୱାସରୁ ହିଁ ଜାତ ହୋଇଛି | ସେହି ଦୁର୍ବଳତାକୁ ଆମେ କେବଳ ସ୍ୱୀକାର କରିନୁ ବରଂ ଆଗ୍ରହର ସହ ଗ୍ରହଣ କରି ନେଇଛୁ | ଏପରିକି ଏହାକୁ ଆମେ ଆମ ବ୍ୟକ୍ତିତ୍ୱର ଏକ ବଳିଷ୍ଠ ଅଙ୍ଗ ବନେଇ ସାରିଛୁ | କେହି ଯଦି ସେହି ଦୁର୍ବଳତାକୁ ତ୍ୟାଗ କରିବା କଥା କହୁଛି, ତା'ହେଲେ ଆମେ ଭାବୁଛୁ, ସେ ଆମ ବ୍ୟକ୍ତିତ୍ୱକୁ ହିଁ ନଷ୍ଟ କରିଦେବାକୁ ଚାହୁଁଛି? 'ଥାଇପାରେ' ବା 'ହୋଇପାରେ' ଭଳି ସମ୍ଭାବନାତ୍ମକ ଧାରଣା କେବଳ ସେହି ମାନଙ୍କ ମୁଣ୍ଡକୁ ଆସିଥାଏ | ଯେଉଁମାନେ ଭଗବାନଙ୍କୁ ବିଶ୍ୱାସ କରିବାର ପ୍ରକୃତ କାରଣ ଖୋଜି ପାଆନ୍ତି ନାହିଁ ଏବଂ ପିଲାଟି ଦିନରୁ ମନ ଭିତରେ ବସାବାନ୍ଧି ସାରିଥିବା ଦୁର୍ବଳତାକୁ ତ୍ୟାଗ କରିବାର ସତ୍‌ସାହାସ ଜୁଟାଇ ପାରନ୍ତି ନାହିଁ |

(ଏହି ଲେଖା ଶ୍ରୀ ନାୟକଙ୍କ ସଦ୍ୟ ପ୍ରକାଶିତ ପୁସ୍ତକ 'ମୁକ୍ତ ମନର ବିଚାର' ରୁ ନିଆଯାଇଛି)

# ବିବର୍ଣ୍ଣ ଅପରାହ୍ନ



ଆଶାରାଣୀ ବେଉରା

ଜୀବନଚକ୍ର ଗଡ଼ିଚାଲିଛି । ପରିବର୍ତ୍ତନ ନିୟମ ଅନୁଯାୟୀ ଯଥାକ୍ରମେ ଶୈଶବ, କୈଶୋର, ଯୌବନ ଅତିକ୍ରମ କରି ମନୁଷ୍ୟ ନିଶ୍ଚୟ ଜୀବନର ଅପରାହ୍ନରେ ପହଞ୍ଚିବ । ତେବେ ଆଜିକାଲି ସଚରାଚର ଦେଖାଯାଉଛି ଏ ଏହି ସମୟ ମନୁଷ୍ୟ ପାଖରେ ଅତୀବ କଷ୍ଟକର ସମୟ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ସମାଜ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହିବାକୁ ଚାହେଁ । କିନ୍ତୁ ବର୍ତ୍ତମାନର ସମାଜ ବ୍ୟବସ୍ଥାରେ ସେ ନିଃସଙ୍ଗ ଜୀବନଯାପନ କରିବାକୁ ବାଧ ହେଉଛି । ଏହାର କାରଣ ହେଉଛି ଯୌଥ ପରିବାର ବ୍ୟବସ୍ଥାର ପତନ । ଆଜିର ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ଗ୍ରାମଛାଡ଼ି ଲୋକମାନେ ସହରାଭିମୁଖୀ ହେବାକୁ ପସନ୍ଦ କଲେ । ଏହାଦ୍ୱାରା ଯୌଥ ପରିବାର ଭାଙ୍ଗିଗଲା ଏବଂ ପିତା, ମାତା, ବନ୍ଧୁ, କୁଟୁମ୍ବଙ୍କ ସହିତ କାଳକ୍ରମେ ସମ୍ପର୍କରେ ଶିଥିଳତା ଆସିଗଲା । ମନୁଷ୍ୟ ବେଶୀ ସ୍ୱାର୍ଥକୈନ୍ଦ୍ରିକ ହୋଇ କେବଳ ନିଜର ଓ ନିଜ ପିଲାମାନଙ୍କ ସ୍ୱାର୍ଥ ବ୍ୟତୀତ ଅନ୍ୟ କାହା ବିଷୟରେ ଚିନ୍ତା କରିବାକୁ ଇଚ୍ଛା କଲା ନାହିଁ । ଯଦିବା ଭାଇ ବନ୍ଧୁଙ୍କ ସହିତ ସମ୍ପର୍କ ରହିଲା, ତାହା କେବଳ ଅର୍ଥନୈତିକ । ସମୟର ଅଭାବରୁ ହେଉ, ସ୍ୱାର୍ଥପରତାରୁ ହେଉ ବା ଦୂରତା ଦୃଷ୍ଟିରୁ ହେଉ ନିଜର ଗ୍ରାମ ଓ ଆତ୍ମୀୟମାନଙ୍କ ସାଙ୍ଗରେ ଭାବଗତ ସମ୍ପର୍କ ରହିଲା ନାହିଁ । ଏହାପରେ କିନ୍ତୁ ତାର ପ୍ରକୃତ ସମସ୍ୟା ଆରମ୍ଭ ହେଲା ।

ପିଲାମାନଙ୍କୁ ଯୋଗ୍ୟ କରିବାପରେ ସେମାନେ ମଧ୍ୟ ତାଙ୍କର ସୁନେଲି ଭବିଷ୍ୟତ ଗଢ଼ିବାପାଇଁ ନିଜର କର୍ମଭୂମି ଅନ୍ୟଆଡ଼େ ବାଛିନେଲେ । ଦେଶ ଛାଡ଼ି ବିଦେଶ ଗଲେ । ରାଜ୍ୟ ଛାଡ଼ି ରାଜ୍ୟ ବାହାରକୁ ଗଲେ । ଏଆଡ଼େ ବୃଦ୍ଧ ପିତାମାତାଙ୍କର ଯତ୍ନ ନେବାକୁ ସେମାନେ ନିଜର ଅସାମର୍ଥତା ପ୍ରକାଶ କଲେ ମଧ୍ୟ । ଯଦିଓ କେହି କେହି ଯାଇ ପିଲାମାନଙ୍କ ପାଖରେ ରହିଲେ, ସେ ସ୍ଥାନର ପରିବେଶ ଓ ଅପରିଚିତ ବ୍ୟକ୍ତିମାନଙ୍କ ସହିତ ସେମାନଙ୍କର ମେଳ ଖାଇଲା ନାହିଁ । ପୁଅବୋହୂ ଉଭୟେ କର୍ମଜୀବି ହୋଇଥିଲେ ସେଠାରେ ସମୟ କାଟିବାମଧ୍ୟ ଅତୀବ କଷ୍ଟକର । ଅତଏବ ମନୁଷ୍ୟପାଇଁ ଅତୀତ ଓ ଭବିଷ୍ୟତ ଉଭୟ ଅର୍ଥହୀନ । କାରଣ ଅତୀତକୁ ସେ କେବେଠାରୁ ପ୍ରତ୍ୟାଖ୍ୟାନ କରିଛି । ଏବେ ଭବିଷ୍ୟତ ତାକୁ ପ୍ରତ୍ୟାଖ୍ୟାନ କଲା । ଏହା ବର୍ତ୍ତମାନ ଏକ ସାମାଜିକ ସମସ୍ୟା ହୋଇ ମୁଣ୍ଡ ଟେକିଲାଣି । ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ବହିର ବସ୍ତୁ ହୋଇ ରହିଯାଇଛି ।

ଏହି ସବୁ କାରଣ ଦୃଷ୍ଟିରୁ ଏବେ ଅଧିକାଂଶ ବୃଦ୍ଧ ବ୍ୟକ୍ତି ମାନସିକ ଅବସାଦଗ୍ରସ୍ତର ଶୀକାର ହୋଇଯାଇଛନ୍ତି । ଏଇ ପ୍ରକାର ଚାପରୁ ମୁକ୍ତି ପାଇବାର ଏକ ଉପାୟ ହେଲା ନିଜକୁ ସମାଜ ସେବାରେ ନିୟୋଜିତ କରିଦେବା । ପ୍ରକୃତରେ ଯଦି ଏଇ ମାନବ ସମ୍ବଳର ସଦୁପଯୋଗ ହୋଇପାରନ୍ତା, ତେବେ ସମାଜର ଉନ୍ନତି ସହିତ ମନୁଷ୍ୟ ଆତ୍ମତୃପ୍ତି ବି ପାଆନ୍ତା । ଯେପରି ଗ୍ରାମରେ ଥିବା କୃଷକଟିର ଅବସର ବୟସ ନଥାଏ । ପାରୁଥିବା ଯାଏଁ ସେ ଚାଷ

କାର୍ଯ୍ୟରେ ଲାଗିଥାଏ । ସେମିତି ସରକାରୀ କର୍ମଚାରୀଟିଏ ଅବସର ପରେ ତାର ଅଭିଜ୍ଞତା ଓ ଶିକ୍ଷାଗତ ଯୋଗ୍ୟତା ବଳରେ କିଛି ସମୟ ବୈନିକ ପ୍ରୌଢ଼ ଶିକ୍ଷା, ନାଗରିକ ଅଧିକାର, ପରିବେଶ ସୁରକ୍ଷା ବା ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ପାରନ୍ତେ । ଶିକ୍ଷକଟିଏ ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କୁ ଅବୈତନିକ ଶିକ୍ଷାଦାନ କରିପାରନ୍ତା । ବିଶେଷକରି କିଛି ଅନାଥାଶ୍ରମ ବା ସମାଜର ଅବହେଳିତ ବର୍ଗଙ୍କ ସହିତ ସେମାନଙ୍କର ସୁଖଦୁଃଖ ବୁଝି ତାକୁ ସ୍ନେହର ପରଶ ଓ ଆଶ୍ୱାସନା ଦେଇପାରନ୍ତା । ଏହାଦ୍ୱାରା ସମୟର ସଦୁପଯୋଗ ହୋଇଯାଆନ୍ତା ଏବଂ ନିଃସଙ୍ଗ ଜୀବନ ଆଉ ବୋଝପରି ଲାଗନ୍ତା ନାହିଁ ।

ଜୀବନର ଅପରାହ୍ନରେ ପହଞ୍ଚିସାରିଥିବା ଏଇ ନିଃସଙ୍ଗ ପଥିକମାନଙ୍କ ପାଇଁ ଆମର ମଧ କିଛି କର୍ତ୍ତବ୍ୟ ଅଛି । ସେମାନଙ୍କର ନିରୀହ ଆଖି ଆମ ମାନଙ୍କ ପାଖରୁ କିଛି ଯତ୍ନ ଓ ସମବେଦନାର ଆଶା ରଖେ । ହୁଏତ ବାସ୍ତବ ଜୀବନରେ ତାଙ୍କ ମଧ୍ୟରୁ କେହିକେହି କ୍ରୁର, ନିଷ୍ଠୁର, ସ୍ୱାର୍ଥପର ବା ହୃଦୟହୀନ ହୋଇପାରିଥାନ୍ତି । ମାତ୍ର ଜୀବନର ସୁଦୀର୍ଘ ଚଲାପଥରେ ସେମାନେ ଆଜି କ୍ଳାନ୍ତ, ଶ୍ରାନ୍ତ ହୋଇ ଏଇ ନିଷ୍ଠୁର ସତ୍ୟ ଉପଲବ୍ଧି କରିଛନ୍ତି ଯେ, ଏଇ ଉତ୍ତୀର୍ଣ୍ଣ ବୟସରେ ଅର୍ଥନୈତିକ ସମୃଦ୍ଧିର କୌଣସି ଆବଶ୍ୟକତା ନାହିଁ, କେବଳ କିଛି ମାନବିକତାର ସ୍ପର୍ଶ ଆବଶ୍ୟକ ଯାହା ।

ମନୁଷ୍ୟ ଏକ ସ୍ନେହକାଙ୍ଗାଳ, ସମ୍ବେଦନଶୀଳ ପ୍ରାଣୀ ହୋଇଥିବାରୁ ଆମେ ଆମର ବ୍ୟସ୍ତବହୁଳ ସମୟ ମଧ୍ୟରୁ କିଛି ସମୟ ସେମାନଙ୍କ ସହିତ ବିତାଇ ପାରିବା ତ ! ଏ ବିବର୍ଣ୍ଣ ଅପରାହ୍ନକୁ ତ ରଙ୍ଗୀନ କରିପାରିବା ନାହିଁ, ତେବେ ଆତ୍ମୀୟତା ଓ ଆନ୍ତରିକତାର ଛିଟା କିଛି ବୁଣିଦେଇ ପାରିବା ତ ।

ତଳବରଡ଼ା ଖସିବାପରି ମଝିବରଡ଼ା ଖସିବ । ଆଜି ଆମର ବୟସ୍କମାନେ ଯେଉଁ ଅବସ୍ଥା ଦେଇ ଗତି କରୁଛନ୍ତି, ଆସନ୍ତାକାଲି ତାହାର କେବଳ ପୁନରାବୃତ୍ତି ହେବ । ସେମାନେ ଝୁଣ୍ଟିପଡ଼ିବା ବେଳେ ଆମେ ତାଙ୍କୁ ଉଠେଇଦେଲେ, ଆମର ଭାରସାମ୍ୟ ରକ୍ଷା କରିବାପାଇଁ ଉତ୍ତର ପୁରୁଷ ନିଶ୍ଚୟ ଆଗେଇ ଆସିବେ ।

# ଉତ୍କଳ ଏବଂ ଜଗନ୍ନାଥ ସଂସ୍କୃତି



ସୁଷମା ତ୍ରିପାଠୀ

ଉତ୍କଳ ବା ଓଡ଼ିଶା କହିଲେ ଯେ କେବଳ ଏକ ଭୌଗଳିକ ଭୂମିକୁ ବୁଝାଇଥାଏ ତାହା ନୁହେଁ ବରଂ ମୂଲ୍ୟବୋଧର ଭିତ୍ତିପ୍ରସ୍ତର ଉପରେ ଦଣ୍ଡାୟମାନ ଏକ ମହାନ ସଂସ୍କୃତିକୁ ଦର୍ଶାଇଥାଏ, ଯିଏ କି କାଳର ଦାଢ଼ରେ ନିଜକୁ ଅବଶ୍ୟ ପ୍ରମାଣିତ କରିସାରିଛି | ଏହା ହେଲା ଆମର ଜଗନ୍ନାଥ ସଂସ୍କୃତି | ଏହା ମହୋଦଧି ଭଳି ଉଦାର ଓ ବିଶାଳ | ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଇ ମହାନ ସଂସ୍କୃତି ଯୁଗ ଯୁଗ ଧରି ମାନବୀୟ ମୂଲ୍ୟବୋଧର ପ୍ରଚାର କରି ଆସିଛି | ଦାସିଆ ବାଉରୀ ହୁଅନ୍ତୁ ବା ଭକ୍ତ ସାଲବେଗ ହୁଅନ୍ତୁ, ସେମାନଙ୍କର ମହାନ ବାଣୀ ଏ ମାଟି ଗୌରବର ସହ ଗାନ କରି ଚାଲିଛି |

ବାରବର୍ଷର ବାଳକ ଧର୍ମପଦ, ଯେତେବେଳେ ଅନୁଭବ କରିପାରିଥିଲା, ଆରେ ବାରଶହ ବଢ଼େଇଙ୍କ ବାରବର୍ଷର କୀର୍ତ୍ତି, ତା'ର କୀର୍ତ୍ତି ଆଗରେ ମଳିନ ପଡିଯାଇଥିଲା, ସମସ୍ତ ଗୌରବକୁ ନିଜ ଉପରକୁ ନେଇଯିବା ଅପେକ୍ଷା, ମହାସମୁଦ୍ରରେ ନିଜକୁ ହଜାଇ ଦେବାରେ ଅଧିକ ଆତ୍ମସନ୍ତୋଷ ପାଇଥିଲା, ନା ସେ ନିଜକୁ ମିଶାଇ ଦେଇଥିଲା ଏ ମହାନ ସଂସ୍କୃତିର ସ୍ରୋତରେ, କୋଟି କୋଟି ଓଡିଆଙ୍କ ଶିରା ପ୍ରଶିରାରେ |

ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ), ପିଲାଦିନେ ଲକ୍ଷ୍ମୀବାଇ (ଝାନସୀର ରାଣୀ)ପିତା, ମାତାଙ୍କ ସହ ଜଗନ୍ନାଥ ଦର୍ଶନ ପାଇଁ ଆସିଥିଲା ବେଳେ ତାଙ୍କ(ଚାଖି)ପିତାଙ୍କ ଅତିଥି ହୋଇଥିଲେ, ସେତିକି ବେଳେ ସେମାନେ ହୋଇଥିଲେ, ମହାପ୍ରସାଦ ଭାଇ ଭଉଣୀ | ଲକ୍ଷ୍ମୀବାଇ ଇଂରେଜ ମାନଙ୍କ ସହ ଯୁଦ୍ଧ କରୁଥିଲା ବେଳେ, ଭାଇର ଦାୟିତ୍ୱ ନିଭାଇବା ପାଇଁ ଭୁଲି ନ ଥିଲେ ଚନ୍ଦନ ହଜୁରୀ |ଲକ୍ଷ୍ମୀବାଇଙ୍କ ମୃତ୍ୟୁ ପର୍ଯ୍ୟନ୍ତ, ଭାତୃତ୍ୱର କର୍ତ୍ତବ୍ୟ ସେ କରିଯାଇଥିଲେ |

ଏଇ ମାଟି ଯାହାର ନାମ ଆଜି ଓଡ଼ିଶା, ଅତୀତରେ କେତେବେଳେ ତାର ପରିଚୟ ଉତ୍କଳ, କେତେବେଳେ କଳିଙ୍ଗ ତ ପୁଣି କେତେବେଳେ ଉଡ୍ର ନାମରେ ଖ୍ୟାତ ଥିଲା |ତାର ଭୌଗୋଳିକ ପରିସୀମା ମଧ୍ୟ ସମୟର କ୍ରମରେ କେତେବେଳେ ବଢ଼ି ଯାଇଥିଲା ତ କେତେବେଳେ ଛିଡ଼ି ମଧ୍ୟ ଯାଇଥିଲା |କେତେବେଳେ ତାହା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ପୁଣି କେତେ ବେଳେ ଏକମାତ୍ର ଖୋର୍ଦ୍ଧା ହିଁ ଥିଲା ତାର ପରିସୀମାର ପରିଧି| ଖାଲି ସେତିକି ନୁହେଁ, ଏ ମାଟି ପାଇଁ ଏଭଳି ଏକ ଅନ୍ଧକାର ସମୟ ଆସିଥିଲା, ଯେତେବେଳେ ଏହାର କୌଣସି ଭୌଗୋଳିକ ସ୍ୱତନ୍ତ୍ରତା ହିଁ ନ ଥିଲା |ଖଣ୍ଡ ଖଣ୍ଡ ହୋଇ ହୋଇ ଅନ୍ୟାନ୍ୟ ରାଜ୍ୟ ମଧ୍ୟରେ ସେ ନିଜର ଭୌଗୋଳିକ ସତ୍ତା ହରାଇ ବସିଥିଲା |ଏ ଭଳି ଅନ୍ଧକାର ସମୟରେ, ଦାରିଦ୍ର୍ୟର କଷାଘାତ ଭିତରେ ଥାଇ ମଧ୍ୟ, ଏ ମାଟିର କବି, ସ୍ୱଭାବ କବି ଗଙ୍ଗାଧର ମେହେର ଦେଖି ପାରିଥିଲେ ଆଲୋକର ଝଲକ, ତାଙ୍କ ଲେଖନୀ ରେ ଫୁଟି ଉଠିଥିଲା ,

"ବିଶ୍ୱ ଦେଖ ମଧୁମୟରେ ଜୀବନ

ବିଶ୍ୱ ଦେଖ ମଧୁମୟ ,

ମଧୁର ଜୀବନ କରିବା ହରଣ

ତୋ ପାପ ମରଣ ଭୟ "|

ଆଉ ଏ ମାଟିର ସନ୍ତାନମାନଙ୍କୁ ଆଶାର କିରଣ ଦେଖାଇବାକୁ ଯାଇ ଉତ୍କଳମଣି ଗୋପବନ୍ଧୁ ଗାଇ ଯାଇଥିଲେ : -

"ମିଶୁ ମୋର ଦେହ ଏ ଦେଶ ମାଟିରେ,

ଦେଶବାସୀ ଚାଲି ଯାଆନ୍ତୁ ପିଠିରେ |

ଦେଶର ସ୍ବରାଜ ପଥେ ଯେତେ ଗାଡ଼,

ପୁରୁ ତହିଁ ପଡି ମୋର ମାଂସ ହାଡ |"

ଇଏତ ଥିଲା ଅନ୍ଧକାର ସମୟର କଥା| ତେବେ ଯେତେବେଳେ, ଆଲୋକର ସମୟ ଥିଲା ଯେତେବେଳେ ଏ ମାଟିରେ ସୁବର୍ଣ୍ଣଯୁଗର ସମୟ ଚାଲିଥିଲା, ଏ ମାଟିର ସମ୍ରାଟ ମାନଙ୍କର ନାଁ ଶୁଣିଲେ ଶତ୍ରୁର ହୃଦୟ କମ୍ପୁଥିଲା, ସେତେବେଳେ ମଧ୍ୟ ଏ ମାଟିର ରାଜା ମହାରାଜା ସମ୍ରାଟମାନେ ନିଜକୁ ଜଗନ୍ନାଥଙ୍କର ସେବକ ଭାବରେ ପରିଚୟ ଦେବାକୁ ଅଧିକ ଗର୍ବାନ୍ବିତ ମନେକରୁଥିଲେ |ସେମାନେ ନିଜକୁ ଏ ମାଟିର ରକ୍ଷକ ମନେ କରୁଥିଲେ |ରାଜକୋଷର ଅର୍ଥରେ ନିଜ ପାଇଁ ପ୍ରାସାଦ ଗଢ଼ିବା ପରିବର୍ତ୍ତେ ସେମାନେ ଗଢ଼ି ଚାଲିଥିଲେ, ମନ୍ଦିର ପରେ ମନ୍ଦିର| ତା'ର ନିଦର୍ଶନ ଆଜି ମଧ୍ୟ ଦେଖିବାକୁ ମିଳୁଛି |ଇତିହାସ ଅନୁସାରେ କୌଣସି ଏକ ରାଜ ବଂଶରେ ପୁରୁଷ ଉତ୍ତରାଧିକାରୀ ନ ଥିବା କାରଣରୁ ସେହି ରାଜବଂଶର ସାତ ଜଣ ରାଣୀ ଜଣକ ପରେ ଜଣେ ଏ ମାଟିର ସ୍ବାଧୀନତା ରକ୍ଷା କରିଥିଲେ| ସମ୍ରାଟ୍ ଖାରବେଳ ତାଙ୍କ ରାଜତ୍ବ ସମୟରେ ବିଭିନ୍ନ ଧର୍ମର ସମ୍ମିଳନୀର ଆୟୋଜନ କରାଉଥିଲେ ଏବଂ ବିଭିନ୍ନ ଧର୍ମର ଧର୍ମଗୁରୁ ମାନଙ୍କୁ ସମ୍ମାନିତ ମଧ୍ୟ କରାଉ ଥିଲେ |

ଏଠାରେ ଗୋଟିଏ ଘଟଣା ବର୍ଣନା କରିବା ପ୍ରାସଙ୍ଗିକ ହେବ |ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଥରେ ଜଣେ ବଙ୍ଗୀୟ ସବଜଜ୍ଙ୍କ ସଙ୍ଗେ ଭେଟ ହୋଇଥିଲା |ଜଣେ ଓଡିଆଙ୍କୁ ଦେଖି ସେ ଖୁବ୍ ଆଦର କରିଥିଲେ ଏବଂ ଓଡିଶାକୁ ନେଇ ନିଜର ଏକ ଅନୁଭୂତି ତାଙ୍କ ଆଗରେ ବର୍ଣ୍ଣନା କରିଥିଲେ| ସେ କହିଥିଲେ "ଥରେ ତାଙ୍କ ଝିଅ ଭୁବନେଶ୍ବରର ତଥା ତା'ର କୀର୍ତ୍ତିରାଜି ବିଷୟରେ କୌଣସି ଏକ ବହିରେ ପଢ଼ିବାକୁ ପାଇଲା |ତା'ପରେ ଭୁବନେଶ୍ବର ନ ଯିବା ପର୍ଯ୍ୟନ୍ତ ସେ ତାର ବାପା ଓ ମା'ଙ୍କୁ ବସାଇ ଉଠାଇ ଦେଲାନାହିଁ| ଦିନେ ସକାଳୁ ସେମାନେ ଆସି ଭୁବନେଶ୍ବରରେ ପହଞ୍ଚିଲେ| ଚାରିଆଡେ ଅସଂଖ୍ୟ ଦେଉଳର ଭଗ୍ନାବଶେଷ ଦେଖି ସେମାନେ ଅଭିଭୂତ ହୋଇପଡିଥିଲେ |

ଭୁବନେଶ୍ବରର ପ୍ରଧାନ ମନ୍ଦିରରେ ଜଣେ ସ୍ଥାନୀୟ ସ୍ଥପତି କାମ କରୁଥିବାର ସେ ଜାଣିଲେ, ତାଙ୍କୁ ଦେଖା କରିବାର ଇଚ୍ଛାରେ ସେମାନେ ସେଠାରେ ପହଞ୍ଚିଲେ| କିନ୍ତୁ ଘଣ୍ଟାଏ ପର୍ଯ୍ୟନ୍ତ ଉଦୁଉଦିଆ ଖରାରେ ଠିଆ ହୋଇଥିଲେ ମଧ୍ୟ, ସ୍ଥପତି ଟିକିଏ ମୁଣ୍ଡ ଉଠାଇ ତାଙ୍କ ଆଡ଼କୁ ଅନାଇଲେ ନାହିଁ| ପଥର ଉପରେ ଏକ ସୁନ୍ଦର ଛବି ଆଙ୍କିବାରେ ସେ ବ୍ୟସ୍ତ ଥିଲେ |

ସେ ଦିନ ସେମାନେ ହତାଶ ହେଲେ ମଧ୍ୟ, ପୁନର୍ବାର ସ୍ଥପତି ଜଣକ କାମ ନ କରୁଥିବା

ସମୟରେ, ତାଙ୍କୁ ଦେଖା କରିବା ପାଇଁ ସ୍ଥିର କଲେ| ଏହି କାରିଗରଙ୍କୁ ଦେଖା ନ କରି ସେମାନେ ଫେରିବାକୁ ଚାହୁଁ ନ ଥିଲେ |ସେମାନଙ୍କର ଧାରଣା ହେଉଥିଲା ସେମାନେ ଏକ ଅଭଦ୍ର-ରୂକ୍ଷ ପ୍ରକୃତିର ଲୋକ ସହିତ ଦେଖା କରିବା ପାଇଁ ଯାଉଛନ୍ତି |କିନ୍ତୁ ତାଙ୍କ ଘରେ ପହଞ୍ଚିବା ପରେ ସେ ଭ୍ରମ ଦୂର ହୋଇଯାଇଥିଲା |ସେ କାରିଗର ଜଣକ ଅତି ଆଦରରେ ସେମାନଙ୍କର ଅଭ୍ୟର୍ଥନା କରିଥିଲେ |ତାଙ୍କ ବ୍ୟବହାରରେ ସାହସ ପାଇ ବଙ୍ଗୀୟ ଭଦ୍ରବ୍ୟକ୍ତି, ତାଙ୍କୁ ଗତଥରର ଅଭିଜ୍ଞତା ବର୍ଣ୍ଣନା କରିଥିଲେ| ସ୍ଥପତିଟି ଦୁଃଖ ପ୍ରକାଶ କରିଥିଲେ ଓ କହିଥିଲେ, କ୍ଷମା କରିବେ, କୋଣାର୍କର ବିରାଟ ଦେଉଳ ଯେଉଁ ମାନେ ତିଆରି କରିଥିଲେ, ସେମାନଙ୍କ ଭିତରୁ ମୁଁ ଜଣଙ୍କର ବଂଶଧର| ବର୍ଷ ବର୍ଷ ଧରି ସେ ସେଠାରେ କାମ କରୁଥିଲେ| କିନ୍ତୁ କଳରେ ଖଣ୍ଡେ ପାନ ନ ଜାକିଲେ ସେ କାମ କରିପାରୁ ନ ଥିଲେ| କୌଣସି ମତେ ତାଙ୍କୁ ଜଣକ ହାତରୁ ପାନ ଖଣ୍ଡେ ଖଣ୍ଡେ ମିଳି ଯାଉଥିଲା| ଦିନେ ସ୍ଥପତିଙ୍କ ନିହାଣଟି ହାତରୁ ଖସି ତଳେ ପଡ଼ିଗଲା| ନିହାଣଟି ଯିଏ ଗୋଟାଇ ସ୍ଥପତିଙ୍କ ହାତକୁ ବଢ଼ାଇ ଦେଲେ, ସ୍ଥପତିଙ୍କ ଆଖି ତାଙ୍କ ଉପରେ ପଡିଗଲା| ସେ ଚମକି ପଡ଼ି, ଠିଆ ହୋଇ ତାଙ୍କ ଗୋଡ଼ ତଳେ ପଡ଼ିଗଲେ| କାରଣ ସେ ଲୋକଟି ଆଉ କେହି ନୁହେଁ, ଓଡ଼ିଶାର ମହାମହିମ ସମ୍ରାଟ ନରସିଂହ ଦେବ| ସମ୍ରାଟ୍ ତାଙ୍କୁ ଭୂତଳରୁ ଉଠାଇ ଆଣି ଆଲିଂଗନ କଲେ ଏବଂ କହିଲେ "ତୁମେ କଣ ଜାଣ ନାହିଁ ଯେ ତିନି ବର୍ଷ ହେଲା ମୁଁ ଏହିଠାରେ ଠିଆ ହୋଇ ତୁମକୁ, ପାନ ଖଣ୍ଡେ ଖଣ୍ଡେ ଯୋଗାଇଛି, ଥରେ ହେଲେ ତୁମେ ମୋ ଆଡ଼କୁ ନଜର ପକାଇ ନାହଁ |ଆଜି ଭାଗ୍ୟକୁ ଏହି କ୍ଷଣି ହତିଆର ଖଣ୍ଡଟି ତଳେ ପଡ଼ିଯିବାରୁ ଏହି ସାମାନ୍ୟ ବନ୍ଧୁକୁ ତୁମର ହସ ହସ ମୁହଁ ଦେଖିବାକୁ ମିଳିଲା|" ଏ ଗୋଟିଏ ଗପ ନୁହେଁ ଆଜ୍ଞା, ନିରାଟ ସତ କଥା| ଆମେ କାରିଗର ଯାକ ଆମର କାମ ଛଡ଼ା ଆଉ କିଛି ଜାଣୁ ନାହିଁ |ତାହାର ସବୁକଥା ଶୁଣି ସାରି ବଙ୍ଗୀୟ ଭଦ୍ରବ୍ୟକ୍ତି, କାରିଗରଟିକୁ ପଚାରିଲେ କୌଣସି ଏକ ଭଲ କ୍ଷେତ୍ରରେ କାମ କଲେ ସେ ବେଶୀ ରୋଜଗାର କରିପାରନ୍ତେ| ତାହା ଶୁଣି ସେ ସ୍ଥପତି ଉତ୍ତର ଦେଇଥିଲେ, ତାହା ମୋ ଦେହାତୀ ହେବ ନାହିଁ| ଏଠାରେ ମୁଁ ପ୍ରତି ବର୍ଷ ଠାକୁରଙ୍କ ରଥ ଗଢ଼ିବାର ସୁଯୋଗ ପାଇଥାଏ| ଲର୍ଡ୍ କର୍ଜନ ଯେତେବେଳେ ଏଠିକି ଆସିଥିଲେ, ସେତେବେଳେ ସେ କଲିକତା ଜାଦୁଘରେ ମତେ ମାସିକ ଏକଶତ ଟଙ୍କା ଦରମାରେ ଗୋଟିଏ ଚାକିରୀ ଯାଚିଥିଲେ, କିନ୍ତୁ ମତେ ତାଙ୍କୁ ନାହିଁ କରିବାକୁ ହୋଇଥିଲା| ଏଠାରେ ମୁଁ ହୋଇଛି ଭଗବାନଙ୍କ ସେବକ, ସେଠାରେ ହୁଅନ୍ତି ମଣିଷର ନୌକର| ସେଠାରେ ଅବଶ୍ୟ ଅନେକ ବେଶୀ ଦରମା ମିଳନ୍ତା; କିନ୍ତୁ ଖାଇପିଇ ଚଳିବାପାଇଁ ଏଠାରେ ମାସକୁ ଦଶଟି ଟଙ୍କା ମୋ ପକ୍ଷରେ ଢ଼େର |ବାସ୍ତବରେ ଦେଖିବାକୁ ଗଲେ ସୁଖରେ ରହିବା ପାଇଁ ମଣିଷର ଆଉ ଅଧିକ କଣ ଲୋଡ଼ା ? ମୁଁ ଏଠାରେ ମୋ କାମଟି କରି ବେଶ୍ ଆନନ୍ଦରେ

ଅଛି |

ଏ ଲୋକଟିର ନାମ ବୈରାଗୀ ମହାରଣା| ଏହି ଲୋକଟିକୁ ଜାଣିବା ଦିନୁଁ, କ୍ଷୁଦ୍ର ଓଡ଼ିଶା ଭୂଖଣ୍ଡକୁ ଆମ୍ଭେ ମାନେ ଅନ୍ତରର ଅନ୍ତରତମ ପ୍ରଦେଶରେ ପୁଜା କରୁ |

ଏ ଥିଲା ଲର୍ଡ୍ କର୍ଜନଙ୍କ ସମୟର କଥା| ଯେତେବେଳେ ଏହି ଓଡ଼ିଶା ମାଟିର ଭୌଗୋଳିକ ସ୍ବତନ୍ତ୍ରତା ନ ଥିଲା| ଏ ମାଟିର ସନ୍ତାନମାନେ ସଂଗ୍ରାମ କରୁଥିଲେ ସ୍ବତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ପାଇଁ| ଆଜି ଆଧୁନିକ ଓଡିଶାର ନିର୍ମାତା ଯାହାଙ୍କୁ କୁହାଯାଏ, ସେହି ମଧୁସୂଦନ ଦାସ, ସେତେବେଳେ ଏହି ଆନ୍ଦୋଳନର ଅଗ୍ରଣୀ ଭୁମିକାରେ ଥିଲେ| ସେହି ସମୟରେ ତାଙ୍କ ଭାଇ ଡେପୁଟି କଲେକ୍ଟର୍ ପରୀକ୍ଷାରେ ଯେବେ ଫେଲ୍ ହୋଇ ତାଙ୍କ ପାଖକୁ ଅଭିଯୋଗ କରିବାକୁ ଆସି କହିଥିଲେ 'ଓଡ଼ିଶା ସ୍ବତନ୍ତ୍ରପ୍ରଦେଶ ନ ହେବା ପର୍ଯ୍ୟନ୍ତ ଓଡ଼ିଆଙ୍କ ଦଶା ଫେରିବ ନାହିଁ |odisha for odias |'

କିନ୍ତୁ ମଧୁସୁଦନଙ୍କ ଯୁକ୍ତି ଥିଲା ଭିନ୍ନ ପ୍ରକାରର|'ଦୁର୍ବଳର ଆତ୍ମରକ୍ଷା ଉଦ୍ଦେଶ୍ୟରେ ସ୍ବତନ୍ତ୍ର ଓଡ଼ିଶାପ୍ରଦେଶର ଆୟୋଜନ ନ ହେଉ| ଯେଉଁ ଜାତିର ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଦିନେ ବିସ୍ତୃତ ଥିଲା; ଯେଉଁ ଜାତି କୋଣାର୍କ, ଭୁବନେଶ୍ବର ମନ୍ଦିର ଗଢ଼ି ପାରିଥିଲା; ସାରଳା, ଜଗନ୍ନାଥଙ୍କୁ ଜନ୍ମ ଦେଇଥିଲା; ସେ ଜାତିର ସନ୍ତାନମାନେ ପ୍ରତିଯୋଗିତାରେ କଦାପି ଭୟଭୀତ ହେବା ଉଚିତ ନୁହେଁ| ଓଡ଼ିଶା ଓ ଓଡ଼ିଆ ଅତୀତରେ ଶତ ଭୟଙ୍କର ପ୍ରତିଯୋଗିତା ମଧ୍ୟରେ ଯେପରି ନିଜର ଆତ୍ମ-ପ୍ରତିଷ୍ଠା କରିପାରିଥିଲା, ଏବେ ମଧ୍ୟ ସେହିପରି ସବୁ କ୍ଷେତ୍ରରେ ପ୍ରତିଯୋଗିତା -ମୂଳକ ଭିତ୍ତିରେ ନିଜର ଆତ୍ମ-ପ୍ରତିଷ୍ଠା କରୁ, ପ୍ରତିଯୋଗିତାରୁ ପଳାୟନ କରି କବାଟ କିଳି ନୁହେଁ| ଆଉ ଓଡ଼ିଶା ଓଡ଼ିଆଙ୍କ ପାଇଁ ଉଦ୍ଦିଷ୍ଟ ହେବା ପରିବର୍ତ୍ତେ ଓଡ଼ିଆମାନେ ଓଡ଼ିଶା ପାଇଁ ଉଦ୍ଦିଷ୍ଟ ହୁଅନ୍ତୁ| ଓଡ଼ିଆମାନଙ୍କ ବ୍ୟକ୍ତିଗତ ଗୋଷ୍ଠୀଗତ ସ୍ବାର୍ଥସିଦ୍ଧି ପାଇଁ ଓଡ଼ିଶା ଉଦ୍ଦିଷ୍ଟ ନ ହେଉ| ତା'ହେଲେ ଓଡ଼ିଶା ଓ ଓଡ଼ିଆର ଅଭ୍ୟୁଦୟ ସମ୍ଭବ ହୋଇ ପାରିବ| ତାଙ୍କ ଭାଷାରେ, କେହି ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୁଅନ୍ତୁ ବା ନ ହୁଅନ୍ତୁ, ଓଡ଼ିଶା ଯେଉଁ ମାନଙ୍କର, ଅଥବା ଯେଉଁ ମାନଙ୍କ ସନ୍ତାନମାନଙ୍କ ଶୈଶବର କ୍ରୀଡ଼ାଭୂମି, ଯୌବନର କର୍ମଭୂମି, ବାର୍ଦ୍ଧକ୍ୟର ବିଶ୍ରାମଭୂମି ଓ ପରକାଳର ଶ୍ମଶାନଭୂମି ସେମାନେ ସମସ୍ତେ ଓଡ଼ିଆ| ଓଡ଼ିଶାର ସର୍ବାଙ୍ଗୀଣ କଲ୍ୟାଣରେ ସେ ସମସ୍ତଙ୍କର ଗୋଟାଏ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି |

ଏମିତି ଅନେକ କଥା ଅନେକ ଗାଥା| କହି ବସିଲେ ସରିବନି| ଏ ମାଟିର କବି ଅନ୍ଧ ହୋଇପାରନ୍ତି, କିନ୍ତୁ ସେ ଅନୁଭବ କରିପାରିଥିଲେ ଏ ଜଗତରେ ପ୍ରାଣୀ ମାନଙ୍କର ଦୁଃଖ, କଷ୍ଟ| ସେ ଆଉ କେହି ନୁହନ୍ତି, ସନ୍ଥ କବି ଭୀମ ଭୋଇ, ଯାହାଙ୍କ ମୁଖରୁ ନିଃସୃତ ହୋଇଥିଲା :

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ

ଦେଖୁ ଦେଖୁ କେବା ସହୁ ,

ମୋ ଜୀବନ ପଛେ ନର୍କେ ପଡ଼ିଥାଉ

ଜଗତ ଉଦ୍ଧାର ହେଉ |"

ବାର ବର୍ଷର ବାଜିରାଉତ ସେ ମଧ୍ୟ ପଛାଇ ଯାଇନଥିଲା, ଯେତେବେଳେ ତା ଜୀବନର ପ୍ରଶ୍ନ ଆସିଥିଲା, ହସି ହସି ବନ୍ଧୁକ ଗୁଳି ଆଗରେ ଲୋଟି ଯାଇଥିଲା| ତା ଜୀବନଠାରୁ ତା'ର ଜନ୍ମଭୂମି ତା ପାଇଁ ଅଧିକ ପ୍ରିୟ ଥିଲା| ଏ ମାଟିର ଅନେକ ସନ୍ତାନ କେତେବେଳେ ଏ ମାଟି ମାଆ ପାଇଁ ଜୀବନ ଦେଇଦେଇଛନ୍ତି ତ ପୁଣି କେତେବେଳେ ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଏ ମାଟିର ସେବା କରିଯାଇଛନ୍ତି |

ଏ ସମସ୍ତଙ୍କୁ ନେଇ ଏ ମାଟି ହୋଇଛି ଧନ୍ୟ| ଏ ମାଟିର ସଂସ୍କୃତି ସାଜିଛି ଏ ମାଟିର ଆତ୍ମା| କାଲି ହୁଏତ ଏ ମାଟିର ନାଁ ଓଡ଼ିଶା ପରିବର୍ତ୍ତେ ଆଉକିଛି  ହୋଇଯାଇ ଥାଇପାରେ| ଏହାର ରାଜନୈତିକ ଚିତ୍ର ମଧ୍ୟ ବଦଳି ଯାଇଥାଇପାରେ| କିନ୍ତୁ ନୀଳଚକ୍ର ତଳେ ପତିତପାବନ ବାନା ଏ ମହାନ ସଂସ୍କୃତିର ଧ୍ୱଜା ଉଡ଼ାଇ ଏମିତି ଫରଫର ହୋଇ ଉଡୁଥାଉ |ଜୟ ଜଗନ୍ନାଥ |

# କବିତା ବିଭାଗ

# ଭାରତ ଏବେ କେମିତି

ଶ୍ୟାମା ପ୍ରସାଦ ରଥ

ଦେଖେ ଯେବେ କେବେ        ଗାନ୍ଧୀ, ଗୋପବନ୍ଧୁ
ନେହେରୁ ସ୍ମାରକ ସ୍ମୃତି
ମନେ ପଡ଼େ ମୋର        ଇତିହାସେ ଲେଖା
ତାଙ୍କରି ଅଲିଭା ସ୍ମୃତି
ଜୀବ ନାହିଁ ସତ        ଅଟନ୍ତି ସେମାନେ
ପଥର ସ୍ମାରକ ସ୍ମୃତି
ପଚାରନ୍ତି ମୋତେ        ମହୀୟସୀ ମାଆ
ଭାରତ ଆମ କେମିତି
କି ଦେବି ଉତ୍ତର        ଭାରତ ଖବର
ସରମେ ଯାଉଛି ମରି
ଦେଇଥିଲେ ହାତେ        ଭାରତ ସ୍ବାଧୀନ
କେତେ କାରାଗାର ବରି
ଏବେ ବି କରୁଛି        ଭାରତ ସନ୍ତାନ
ନେତାଙ୍କ ଗୋଲାମଗିରି
ପୁରୁବ ଗୌରବ        ନିଜର ଆଦର୍ଶ
ସବୁକିଛି ଦେଇ ଭୁଲି
ସାମ୍ପ୍ରତିକ ଦଙ୍ଗା        ଲାଞ୍ଚ ମିଛ ହିଂସା
ସର୍ବତ୍ର ଯାଉଛି ଖେଳି
କଲମ ଯାଗାରେ        ବନ୍ଧୁକ ଚଳାଇ
ରକ୍ତରେ ଖେଳୁଛି ହୋଲି...

# ପାହାଡ଼ ସେପଟେ



ଉର୍ମିଳା ମିଶ୍ର

ନା,
ପାହାଡ଼ ସେପଟେ
କ'ଣ ଥାଇପାରେ !
ଏକ ପ୍ରତାରଣାର କାହାଣୀ
ହୃଦ ବିଦାରକ
ବର୍ବରତାର ପଦଚିହ୍ନ
ମୁଠା ମୁଠା
ଅନ୍ଧାରର ରୁନ୍ଧା କୋହ
ବିଶ୍ଳେଷିତ ସ୍ୱପ୍ନରୁ କିଛି
ଆଉ ଶୂନ୍ୟତା....

ପାହାଡ଼ ଏପଟେ କିନ୍ତୁ
ଶାନ୍ତ ସୁନ୍ଦର ପୃଥିବୀ
ଲାଜେଇ ଝରଣା ର
କଳ କଳ ହସ
ସ୍ନେହ ପାରିଜାତର
ଏକ ବିରାଟ ଚାଙ୍ଗୁଡ଼ି,
ଶତାବ୍ଦୀ ସିନ୍ଧୁ କରେ ବନ୍ଦ
ବିଶ୍ବାସର ପରିଭାଷା
ଆଦିମ ଇଚ୍ଛାର ଊର୍ଦ୍ଧ୍ବରେ
ସ୍ବର୍ଗୀୟ ପ୍ରେମର
ମହକତା....

କିନ୍ତୁ,
ଏଠି ତ ମଣିଷ କଣ୍ଢେଇ
ସ୍ମୃତି ଭିଜୁଥାଏ ଶ୍ରାବଣରେ
କାରଣ ଖୋଜୁଥାଏ ସ୍ବର,
ବନସ୍ତେ ଅନ୍ଧାରରେ
ହଜି ଯାଏ ଭାଷା
ମଉଳି ଯାଏ ସ୍ନେହର ପାରିଜାତ
ସମୟର ଉଜାଣି ସୁଅରେ

# ନିରୁଦ୍ଦିଷ୍ଟ ବସନ୍ତ



ସୁନୀଲ୍ ମିଶ୍ର

କେଜାଣି କାହିଁକି ବସନ୍ତର ଦେଖାନାହିଁ
କେବେଠାରୁ ଶ୍ରୀପଞ୍ଚମୀ ଗଲାଣି
ଲୋକେ କହୁଛନ୍ତି ସେ ବି ଖରାଦଳ ସହ
ସିକ୍ରେଟରେ ହାତ ମିଶେଇକି
ପାର୍ଟି ବଦଳେଇ ଦେଲାଣି!
ତେଣୁ ସିଏ ଆଜିକାଲି
ଖରାସହ ଆସୁଚି, ଖରାସହ ଯାଉଚି
ସତେ ଯେମିତି ନେତାଜଣେ
ମାଓବାଦୀଙ୍କ ଦ୍ୱାରା ଅପହୃତ ହୋଇଚି...
ଜଙ୍ଗଲରେ ରହିଚି,
ଆଗରୁ ଜଙ୍ଗଲକୁ ଖାଉଥିଲା
ଏବେ ଜଙ୍ଗଲରେ ଖାଉଚି !!

ପାର୍କରେ ଦିଶେ ଯାହା ବସନ୍ତର ସ୍ମୃତିଚିହ୍ନ ପରି,
ଅନ୍ଧାରିଆ ବୁଦାମୂଳେ, ଭୁର୍କୁଣ୍ଡା ଟୋକାର କୋଳେ
ମୁଣ୍ଡ ରଖି ହସୁଥାଏ ଷୋଡ଼ଶୀ ସୁନ୍ଦରୀ !
ଉଭୟଙ୍କ ଯୋଡ଼ି ଲାଗେ ବିଚିତ୍ର ଭାରି,
ଯେମିତି ଦେଶୀ ବାବୁଙ୍କ ସଙ୍ଗେ
ତାଙ୍କ ବିଦେଶୀ କୁକୁର ଯାଏ ଏକ/ଦୁଇ କରି !!

ବସନ୍ତ ବି ବୁଲେ ଏବେ ଖାଲି
କେବିକେର ଦୁର୍ଗମ ଗାଁରେ,
ଯେମିତି ବାରମ୍ବାର ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ
ଦଳିତ, ଅବହେଳିତ,
ନିର୍ଯ୍ୟାତିତ, ନିଷ୍ପେସିତ
ଆଦିବାସୀଙ୍କ ସ୍ୱାର୍ଥଚିନ୍ତା ନାଁରେ !

ବସନ୍ତର ସ୍ପର୍ଶପାଇଁ କୋଇଲି ଯେ ରାବିଲା,
ରାବି ରାବି କିଛି ଦିନେ ତଣ୍ଟି ତାର ଦବିଲା...
ଧିରେ ଧିରେ କଣ୍ଠରୁ ତା' କା' କା' ଶୁଭିଲା !
ତଥାପି ବସନ୍ତର ଦେଖା ନାହିଁ
ସତେ ଅବା ନିଜକୁ ସେ ସାହିତ୍ୟ ଏକାଡ଼େମୀ
କୋଇଲିକୁ ତଣ୍ଟିଫଟା ବ୍ୟଙ୍ଗ ବୋଲି ଭାବିଲା !!

ଆଜିକାଲି ବସନ୍ତ ଯେ ଆଧୁନିକ ହେଲାପରେ
ନିରୋଳାକୁ ଭାରି ଭଲପାଏ,
ଏକାନ୍ତରେ ସମୟ ବିତାଏ
ତେଣୁ ସିଏ ଥାଏ ସଦା ଆଧୁନିକ କବିତା ଆସରେ !
ଗହଳିରେ ପଶିବନି ବୋଲି
ଶୁଣେନି ସେ ନେତା କଥା ସ୍ତ୍ରୀ ଚିନ୍ତା
ସମାଜର ବାସ୍ତବତା...
ବସେନାହିଁ କେବେ ବ୍ୟଙ୍ଗ କବିଙ୍କର ପାଶରେ !!!
ଦିନୁ ଦିନ ବସନ୍ତର ସ୍ଥିତି ବଦଳି ଯାଉଛି !
ଯେବେଠାରୁ ଧରାପୃଷ୍ଠେ
ଖରା, ବର୍ଷା, ଶୀତର ମିଳିତ ସର୍କାର
ଋତୁରାଜ ପଦରୁ ସେ ଇସ୍ତଫା ଦେଇଚି !!!

# ସ୍ୱପ୍ନମନସ୍କ



ପ୍ରକାଶ ରଞ୍ଜନ ପରିଡ଼ା

ଶୁନ୍‌ଶାନ୍ ରାସ୍ତା, ନିର୍ଜନ ନଈପଥା
ଆମ୍ବତୋଟା ବଉଳର ମହମହ ବାସ୍ନା
ସ୍ୱପ୍ନମନସ୍କ ମଣିଷ କିନ୍ତୁ ଢେର୍ ବେଶୀ ଏକୁଟିଆ |
ନିଃସଙ୍ଗତାର ନୀଳବହ୍ନିରେ ଜଳୁଛି ଆକାଶ
ଛାତିତଳ କୋହର କୁହୁଡ଼ିରେ
ପୋଡ଼ିଯାଉଛି ଆମ୍ବ ବଉଳ
ସେ କେମିତି ଭରଷି ଯିବ ଯେ-
ମଥା ଉପରକୁ ଲମ୍ବି ଆସୁଥିବା ହାତ ସବୁ
ଆଶୀର୍ବାଦର ହାତ, ବିଶ୍ବାସର ଛାତ ବୋଲି |
ସେ ତ' ଜଳିସାରିଛି ଅନେକଥର ଛଳନା ନିଆଁରେ
ଆପଣା ଇଚ୍ଛାରେ ବଞ୍ଚିପାରିନି ସତ
ମରିବି ଯାଇନି-
ଯେହେତୁ ଅମରି ଗଛଟେ ପରି ସେ ମରିବା ଶିଖିନି |
ଲୁଣ୍ଠିତ ହେଉପଛେ ସଂସାରୁ ସୁହାଗ
ଦୁର୍ନୀତି, ଅତ୍ୟାଚାରର ନିର୍ମମ କାହାଣୀରେ ଭରିଯାଉ ପଛେ
ଖବର କାଗଜର ପୃଷ୍ଠା ପରେ ପୃଷ୍ଠା
ତଥାପି ସ୍ୱପ୍ନମନସ୍କ ମଣିଷ ତିଆରୁଥିବ
ଗୋଟିଏ ନିର୍ଭେଜାଲ୍ ପୃଥିବୀ, ନିଷ୍କଳଂକ ଉଦାର ଏକ ଆକାଶ |

ଏଠି ନିରୁପାୟ ମଣିଷ
ଆଖି ଖୋଲିଲେ ଭେଟୁଛି ବହଳ ଅନ୍ଧାର
ଅଜାଣତେ ଶୀକାର ହେଉଛି କାହା ଷଡ଼ଯନ୍ତ୍ରର
ଏଠି କାହାପାଇଁ କାନ୍ଦିବ ସ୍ୱପ୍ନଭୂକ୍ ମଣିଷ ଜଣକ
ଦି'ପାଦ ଭୂଇଁକୁ ମୋର ବୋଲି କହି ପାରୁନଥିବା
ବିସ୍ଥାପିତ ମଣିଷ ପାଇଁ ନାଁ-
ହକ୍ ଦାବିକରି ପୋଲିସ୍‌ଠାରୁ ମାଡ଼ଖାଉଥିବା ଶିକ୍ଷକ ପାଇଁ
କାହାର ଭାଙ୍ଗିଯାଇଥିବା ଘର ପାଇଁ ଯୋଗାଡ଼ କରିବ
ମଝିଖୁଣ୍ଟ ଓ ସେଣୀ |
ବାସ୍ ଏତିକି ଥାଉ-
ଏତିକିରେ ସରିଯାଉ ଦୁଃଖର ଅଭିଧାନ
ଅତଏବ୍ ସ୍ୱପ୍ନମନସ୍କ ମଣିଷଟି ଗଢୁଥାଉ
ଆପଣା ମର୍ଜିରେ ବିଶ୍ବସ୍ତ ପୃଥିବୀ
ତା ଅଶ୍ରୁଜଳେ ଜୀବନ୍ୟାସ ପାଉଥାଉ ଆତ୍ମୀୟ ମାଟି
ସେ ଶୋକରେ ଶ୍ରାଦ୍ଧ ବାଢୁଥାଉ
କାଲି ରାତିର ବହିପୃଷ୍ଠା ଭିତରେ
ଚାପି ହୋଇ ମରିପଡ଼ିଥିବା ପତଙ୍ଗ ପାଇଁ
ବୁଢ଼ିଆଣୀଜାଲ ଭିତରେ କବର ନେଇଥିବା ମାଛି ପାଇଁ |
ଉତ୍ତର ନାହିଁ ଏଠି ସମୟପାଖରେ

କାହାର ଭାତଗୁଣ୍ଡା କେମିତି ଆଁ ପାଖକୁ ଯାଏ-

କିଏ ରକ୍ତ ବିକି ଭାତକିଣେ, କିଏ ଭୋକପାଇଁ ଦେହ ବିକେ

ଅଥଚ ସମୟ ହିଁ ସାକ୍ଷୀ

ସବୁ କଳଙ୍କର ଦ୍ରୋହ, ବିପ୍ଳବର |

ଅପେକ୍ଷା କେବେ ରାତି ପାହିବ

ପେଚ୍ଛେ ବଉଳକୁ ଧରି

କେଉଁ ମିତ କେବେ କାହାକୁ ଅପେକ୍ଷା କରିବ

ସାକ୍ଷୀ ରହିବ ଶୁନଶାନ୍ ରାସ୍ତା ଆଉ ନିର୍ଜନ ନଈପଠା |

# ତୁମେ ଆସିବ ବୋଲି



ରଶ୍ମୀରଞ୍ଜନ କର

ତୁମେ ଆସିବ ବୋଲି ବଦଳିଯାଏ ଋତୁ
ଗ୍ରୀଷ୍ମ ବି ହୋଇଯାଏ ବସନ୍ତ,
ତୁମେ ଆସିବ ବୋଲି ବଦଳେ ସମୟ
ରାତି ହୋଇଯାଏ ଜ୍ୟୋସ୍ନାମୟ |
ତୁମେ ଆସିବ ବୋଲି ନଈ ବଦଳାଏ ତାର ଧାରା
ଶୁଖେଇଦେଇ ତା ପାଣି,
ଖୋଲିଦିଏ ତୁମ ଆସିବାର ରାସ୍ତାକୁ
ବିଛେଇ ଦିଏ ଘାସର ଗାଲିଚା |
ତୁମେ ଆସିବ ବୋଲି ବହେ ସୁଲୁସୁଲିଆ ପବନ
ଖାଲି ତୁମକୁ ଛୁଇଁ,
ତୁମ ବାସ୍ନାକୁ ଅନୁଭବ କରିବାପାଇଁ |
ତୁମେ ଆସିବ ବୋଲି କଢ଼ ବି ଫୁଟି ହୋଇଯାଏ ଫୁଲ
ଝରିପଡ଼େ ଚାରିଆଡ଼େ ଗଙ୍ଗଶିଉଳୀ,
ମହକେଇ ଦିଏ ତୁମ ଆସିବାର ବାଟକୁ |
ତୁମେ ଆସିବ ବୋଲି କୋଇଲି ବି ହୋଇଯାଏ ଚୁପ୍
କରେନି ସେ କୁହୁ କୁହୁ
ଜାଣିଚ କ'ଣ ପାଇଁ ?
ଶୁଣିବ ବୋଲି ତୁମ ପାଉଁଜିର ରୁଣୁଝୁଣୁ ଶବ୍ଦକୁ |
ତୁମେ ଆସିବ ବୋଲି ଆକାଶ ବି ହୋଇଯାଏ ତାରାମୟ
ଦେଖିବାପାଇଁ ତୁମ ସୌନ୍ଦର୍ଯ୍ୟକୁ,
ଏ ଗଗନ, ତୁମ କେଶର ପ୍ରତିଫଳନକୁ |
କେତେ ଉତ୍ସାହିତ ଏ ଧରା,
ପାଇବ ବୋଲି ତୁମ ପାଦର ସ୍ପର୍ଶକୁ |
ତୁମେ ଆସିବ ବୋଲି ବସିଚି ମୁଁ ଅପେକ୍ଷାରେ
କାରଣ, ମୁଁ କହିଛି ଏ ଧରା ଏ ଗଗନକୁ
ପ୍ରକୃତିର ପ୍ରତ୍ୟେକ ରଚନାକୁ
ଆଣି ପହଞ୍ଚାଇବା ପାଇଁ
ତୁମକୁ ପ୍ରକୃତିର ରଥରେ,
ମୋ ପାଖରେ...

# ଦୁର୍ନୀତିର କଳାବାଦଲ



ସୁବ୍ରତ କୁମାର ଦାଶ

ସାରା ଭାରତକୁ ବାଦଲ ଯାଇଛି ଛାଇଁ,
ବାଦଲ ନୁହେଁତ ଦୁର୍ନୀତିର ଦାଗ ଏହି |

ଏ ଦାଗ ଲାଗିଲା କାହିଁ,
ଯେତେ ଡେଟଲ, ନିରିମା ଘଷିଲେ ଏ ଦାଗ
ଛାଡଇ ନାହିଁ |

ଧନ୍ୟ ରାଜନେତା ଭାଇ,
ନିଜ ସ୍ବାର୍ଥ ପାଇଁ ହଜମ କରିଲେ ଖଣି ଖାଦାନକୁ
ଖାଇ |

ଯେବେ ଭୋଟ ଆସେ ପାଖେଇ,
ସତେକି ସେମାନେ ଗରିବର ବନ୍ଧୁ, ବୁଲୁଛନ୍ତି
ସାହି ସାହି |

ଭୋଟ ଯେବେ ସରଇ,
ପାଲଟିଯା'ନ୍ତି ପାଷାଣର ମୂର୍ତ୍ତି ଡାକିଲେ ଶୁଭଇ
ନାହିଁ |

ପିଲାଙ୍କ ମଧ୍ୟାହ୍ନ ଭୋଜନ ଖାଇ,
ପେଟକୁ ବଢାଇ, ଛାତିକୁ ଫୁଲାଇ, ବୁଲନ୍ତି ହାତ
ହଲାଇ |

ସାଧୁତା ଯାଇଛି ଶୋଇ,
ସାଧୁ ସାଜି ଏଠି କେତେ ଯେ ଅସାଧୁ ଯାଉଛନ୍ତି
ଗୀତ ଗାଇ |

ସଚ୍ଚା ଭାରତୀୟ ଭାଇ,
ଦେହକୁ କପଡା, ପେଟକୁ ଯେ ରୋଟି, ରହିବାକୁ
ଘର ନାହିଁ |

ନିଃସ୍ବ ଅସହାୟ ହୋଇ,
ଗରିବ ବାପୁଡା ଏଠାକୁ ସେଠାକୁ ବୁଲୁଅଛି ନ୍ୟାୟ
ପାଇଁ |

ଧନ୍ୟ ଜଗନ୍ନାଥ ସାଇଁ,
ତେଲିଆ ମୁଣ୍ଡରେ ତେଲ ଢାଳୁଛନ୍ତି, ନୁଖୁରା
ବାଳକୁ ନାହିଁ |

ହେ ମୋର ଭାରତୀୟ ଭାଇ,
ସହି ନ ପାରିଲି ବୋଲି କହିଲି ଏତକ ଦିହକୁ
ନେବ ନାହିଁ |

# ଦେହର ଭୋକ



ଚିରଞ୍ଜୀବ କର

ନାରୀ ଦେବୀ,
ଦୁହିତା
ଦେହଜୀବି ନୁହେଁ
ଦୁନିଆ ପାଇଁ ।
ହେ ଭୋଗୀ ପୁରୁଷ
ଭୋଗ ଲଗାଅ ନାହିଁ
ତାକୁ ପୋଖରୀ ହୁଡ଼ାରେ
ବସ ଭିତରେ
ସ୍କୁଲ୍ ଛାତ ତଳେ
ବିଲ ମଝିରେ
ଜଙ୍ଗଲ ଭିତରେ
ରାସ୍ତା କଡ଼ର
ଲମ୍ପଟଙ୍କ ଗହଣରେ ।
ସେ ଜଳାଏ ନାହିଁ
କାହାକୁ,
କାହିଁକି ଜଳାଅ ତାକୁ
ଭୋକର ନିଆଁରେ ।
ନିଲାମ ବି ଲଗାଅ
ତା ଦେହକୁ
ନାରୀତ୍ୱକୁ
ଦଶଟଙ୍କିଆ
ଅଶ୍ଳୀଳ ସିଡ଼ିରେ
କ୍ୟାମେରା ଲେନ୍ସରେ
ଗଣ ମାଧ୍ୟମରେ
ଥାନା, କୋର୍ଟ କଚେରୀରେ ।
ମଣିଷମାନେ କଣ
ଏମିତି କରନ୍ତି,
ବୁଦ୍ଧି, ବିବେକ ମେଞ୍ଚାଏ
ଥାଉ ଥାଉ ।
ଲାଳ ବି ଗଡ଼ାନ୍ତି
ଜିଭରେ ଓଠ ଚାଟନ୍ତି
ଆଖି ପତାକୁ
କଟାଶ ଭଳି କରନ୍ତି
ନାରୀର ତୋଫା ଯୌବନ ଦେଖି ।
ପଶୁ ଲାଳ ଗଡ଼ାଏ
ପାଗଳ ହୋଇଯାଏ
ନରମ ମାଂସକୁ
ଦେଖିଲେ ।
ମଣିଷ ବି ହାତ ମିଶେଇଛି
ପଶୁ ସହ ।
ନିଜ ଗରମ ନିଶ୍ୱାସରେ
ପୋଡ଼ି ପକାଉଛି
ନାରୀର
କଅଁଳ ଦେହକୁ,
ମନକୁ
ଆତ୍ମାକୁ
ସାତ ରଙ୍ଗରେ
ଖୁନ୍ଦି ହୋଇଥିବ ସ୍ୱପ୍ନକୁ ।

ବିଚାରୀଟି ଜଳିଯାଉଛି
ହୋମ କୁଣ୍ଡରେ
ଶାଳ କାଠ ଜଳିଲା ପରି |
ଶେଷରେ ପାଲଟି ଯାଉଛି
ପ୍ରତୀକଟିଏ
ପୂଣ୍ୟର ଦାଣ୍ଡରେ |
ପୁରୁଷଟିଏ
ସରମକୁ
ସଂଯମକୁ
ସଦାଚାରକୁ
କୋଉଠି ଲୁଚାଇ ରଖୁଛି
କେଜାଣି
ଆଜିକାଲି ସେମାନେ
ତାର
ହାତ ଧରି ବୁଲୁନାହାନ୍ତି
ପାଦରେ ପାଦ ମିଶାଉ ନାହାନ୍ତି |
ବାଟରେ
ଅବାଟରେ
କୁକର୍ମର
ଅବାଞ୍ଛିତ ମାତୃତ୍ୱର
ବ୍ୟଭିଚାରର
ଏ ଡାର୍ଟି ପିକ୍ଚର୍
ଆଉ କେତେଦିନ ଦେଖୁଥିବ
ପୃଥିବୀ?

ସେ ତରଳି ଗଲାଣି ଦେଖି ଦେଖି
ଭୟରେ
ମହମବତୀ ତରଳିଲା ଭଳି |
ଭୋକ ମରୁନି
ଦେହର
ମନର
ଲାଗୁଛି ଏମାନଙ୍କୁ
ମାରିବାକୁ ପଡ଼ିବ
ତଣ୍ଟିଚିପି
ବିଷଦେଇ
ନହେଲେ
ନିଆଁରେ ପୋଡ଼ିଦେଇ...

# ଗଜଲ୍



ସୌମ୍ୟ ସାରସ୍ୱତ ଦାଶ

ପାପୁଲିଏ ନିଶା ପିଆଲାରେ ବୋଲି କମିବ ମନର ବ୍ୟଥା,
ମେଞ୍ଚାଏ ନିଃଶ୍ୱାସ ସୁରାରେ ଚହଲେ, ବଢ଼ଇ ମନର ବ୍ୟଥା ।
ପୁରୁଣା ଚିଠିରେ ନିଆଁ ଲାଗିଗଲେ ପୋଡ଼ିବ ମନର ବ୍ୟଥା
ଚିଠିରେ ଲାଗିଲେ ହୃଦୟେ ବି ଲାଗେ, ଥମେନି ମନର ବ୍ୟଥା ।
ବଢ଼ିଯାଏ ଯଦି ଦେହ ପାଇଁ ଶୋଷ, ମେଣ୍ଟିବ ମନର ବ୍ୟଥା
ଦେହର ଶୋଷ ବି ଲୁହରେ ମିଳାଏ ବଢ଼େ ଏ ମନର ବ୍ୟଥା ।
କଡ଼ ଲେଉଟାଏ ଯନ୍ତ୍ରଣାର ରାତି, ସରେନି ମନର ବ୍ୟଥା
ଶରୀରର ବ୍ୟଥା ଶରୀର ମେଣ୍ଟାଏ କମେନି ମନର ବ୍ୟଥା ।
ପୁରୁଣା ହୁଏନି ଅଶ୍ରୁଲେଖା ବହି, ଲିଭେନି ମନର ବ୍ୟଥା
ବଦଳି ଯାଏ ଏ ଦିନର ମଲାଟ, ଲୁଚେଇ ମନର ବ୍ୟଥା ।
ଫୁଟିଥିଲା କେବେ କଅଁଳ ଗୋଲାପ, କଣ୍ଟାରେ ମନର ବ୍ୟଥା
ବାସି ହୁଏ ସିନା ବୟସର ଫୁଲ, ତୀକ୍ଷ୍ଣ ଏ ମନର ବ୍ୟଥା ।
ଶୀତଳ ପୀୟୁଷ ଢାଳିଦେଲେ ଜହ୍ନ, ଥମିବ ମନର ବ୍ୟଥା
ଜହ୍ନସାଥେ କେବେ ଦେଖାହେଲେ କିନ୍ତୁ ବଢ଼େ ଏ ମନର ବ୍ୟଥା ।
ଦେହ ବିକ୍ରୀକଲେ ଡାଏରୀର ଫୁଲ, କମେନି ମନର ବ୍ୟଥା
ବାସି ହୁଏ ଯେତେ ବଢୁଥାଏ ସେତେ ଏମିତି ମନର ବ୍ୟଥା ।

# ବିଧି



ରଞ୍ଜନ କୁମାର ପାଣିଗ୍ରାହୀ

ଥରକୁ ଥର ମିଶି ମାସରେ ହେଲା ଇଏ ପାଞ୍ଚ ଥର,
ଦଉଡ଼ି ଦଉଡ଼ି ଚପଲ ଛିଣ୍ଡିଲା ମୋ ଦୁଇ ପାଦର |୧ |

ବଡ଼ କାର୍ଯ୍ୟାଳୟ, ନାଁ ଟି ଥିଲା ତା ଆୟକର ଭବନ,
କେହି କୁଆଡ଼େ ବୁଝନ୍ତି ନାହିଁ ସେଠି ମାନ ଅଭିମାନ |୨ |

ଉସ୍ର କର ନ କାଟିବା ମାନପତ୍ର ଥିଲା ଆବଶ୍ୟକ,
ସେ କି ବୁଝନ୍ତି ବାର ବାର ଯିବା ଟା ଯନ୍ତ୍ରଣାଦାୟକ |୩ |

ଆଜି ସକାଳେ କିନ୍ତୁ ବାହାରିଗଲି ମୁଁ ବୀର ଦର୍ପରେ,
ମାନପତ୍ର ଧରି ଫେରିବା ଆଶାକୁ ସଞ୍ଚି ମୋ ମନରେ|୪ |

ଅପେକ୍ଷା କଲି, ଇଙ୍ଗିତ କଲେ ଆୟକର ଅଧିକାରୀ,
ବସିବା ଯାଗା ନାହିଁ, ଆଖିକୁ ଦେଖା ଗଲାନି କାହାରି|୫ |

କିଛି ସମୟ ପରେ ଅଧିକାରୀ ଡାକିଲେ ଭିତରକୁ,
କହିଲେ, ଦୁଇ ହଜାର ଦିଅ, ନିଅ ମାନପତ୍ରଟିକୁ |୬ |

ଲାଜକୁ ପାଶୋରି ଅଧିକାରୀ ମହିଳା ଚାହିଁଲେ ମୋତେ,
ଭାବିଲି, ଚାପୁଡ଼ାଟେ ଗାଲରେ ଲଗାଇ ଦେବି କି ସତେ |୭ |

ପାଖରେ ଥିଲା ମୋ ଦେଢ଼ ହଜାର, ଗଲି ପୁଣି ବ୍ୟାଙ୍କକୁ,
ଲାଞ୍ଚ ଦେବା ପାଇଁ ଫେରିଲି ପୁଣି ଅଧିକାରୀ କକ୍ଷକୁ |୮ |

ବଢ଼େଇଦେଲି ଟଙ୍କା,' କହିଲି, ଦିଅ ମୋର ମାନପତ୍ର,
କହିଲେ, ଜାଣିନ ବିଧି! ଖରାପ କରିବ ମୋ ଚରିତ୍ର |୯ |

ଅଡୁଆରେ ପଡ଼ିଲି, ବୁଝି ନ ପାରିଲି କଅଣ ବିଧି,
କିପରି ଲାଞ୍ଚ ଦେଲେ ଲଭିବ ତାଙ୍କର ଚରିତ୍ର ସିଦ୍ଧି |୧୦ |

ପାଖେ ବସିଥିବା ତଳ କର୍ମଚାରୀ ବଢ଼ାଇଲା ହାତ,
ଇଙ୍ଗିତ ବୁଝିଲି, ଲାଞ୍ଚ ଦେଲି, ସେ ଦେଖାଇଲା ତା ଦାନ୍ତ |୧୧ |

ମାନପତ୍ର ଧରି ଫେରିଲି ଘରକୁ ମନକୁ ମୋ ମାରି,
ଲାଞ୍ଚ ଦେବାରେ ବି ବିଧି ଥାଏ, ଜାଣିଲି ପ୍ରଥମ କରି |୧୨ |

# ମନେ ହୁଏ ବେଳେ ବେଳେ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବେଳେ ବେଳେ ମନେ ହୁଏ
ଯାଆନ୍ତି କି ମୁଁ ଫେରାର୍ ହୋଇ
ଉଡ଼ିବୁଲି ଦେଖୁଥାନ୍ତି ପାହାଡ଼ବନ
ଆଉ କୁଳୁକୁଳୁ ବହି ଯାଉଥିବା ନଈ

ଦିନୁ ଦିନ ଦେଖି ଦୁନିଆର ଦୀନଗତି
ଭାଳେ ମନେ କାହିଁ ଗଲା ଶାନ୍ତି, ମୈତ୍ରୀ, ପ୍ରୀତି
ଚାରିଆଡ଼େ ଦେଖେ ବିରାଜ ଅଶାନ୍ତି ଯେ ଅଛି
ଶାନ୍ତି ଖୋଜିବୁଲେ ମନ ପାଏନାହିଁ କିଛି ।

ଯୁଝିବାକୁ ଜୀବନର ଅନଭେଦ୍ୟ ରଣ
ଆଉ ପାଉନାହିଁ ବଳ କରିବାକୁ ପଣ
ଅର୍ଜୁନ ମୁଁ ମୋ ସଖା କୃଷ୍ଣ ଗଲେ କାହିଁ
ବୁଲି ଖୋଜିବି ଭାବୁଛି ତାଙ୍କ ପଥ ଯାଇ ।

# ଗଳ୍ପ ବିଭାଗ






**ଧାରାବାହିକ କାହାଣୀ**

# ବାବୁଭାଇଙ୍କ ନିଜ କଥା



ଅରବିନ୍ଦ ଆଚାର୍ଯ୍ୟ

- ଏକ -

ସେଦିନ ମୁଁ ବହୁତ ଖୁଶି ହୋଇଯାଇଥିଲି, ଯେଉଁଦିନ ବାବା ମୋ ହାତକୁ ମୋର ଆପଏଣ୍ଟମେଣ୍ଟ ଲେଟରଟି ବଢ଼େଇ ଦେଇଥିଲେ । ମୋର ଆପଏଣ୍ଟମେଣ୍ଟ ହୋଇଥାଏ ଏକ ଛୋଟିଆ ଗାଁରେ । ଯିବାପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ମା' ବାରମ୍ବାର ମୋତେ ଚେତେଇ ଦେଉଥାଏ - ନୂଆ ଜାଗା, ନୂଆ ପାଣି, ଦେଖି ଚାହିଁ ଚଳିବୁ । ଦେହପା'ର ଯତ୍ନ ନେବୁ, ବୁଝିଲୁ । ମୁଁ ଖାଲି ହୁଁ ମାରି ଚାଲିଥାଏ । ଚିନ୍ତାଟା କିନ୍ତୁ ମୋର ଅଲଗା ପ୍ରକାର ଥାଏ । ଅବଶ୍ୟ ନୂଆ ଜାଗାକୁ ଯାଇ, ପୁଣି ନୂଆ ପ୍ରକାରର ଜୀବନ ଆରମ୍ଭ କରିବା କଥା ମଝିରେ ମଝିରେ ମନେ ପଡ଼ିଯାଉଥାଏ ।

ବେଡ଼ିଂ ବନ୍ଧାହେଲା । ଅତ୍ୟାବଶ୍ୟକୀୟ ଜିନିଷସବୁ ମନେ ପକାଇ ଏକାଠି କରାଗଲା । ଯାହା ଯାହା ବଜାରରୁ କିଣାଯିବ, ସେ ସବୁର ଗୋଟିଏ ଅଲଗା ଲିଷ୍ଟ କରାଗଲା । ପିନ୍ଧା ଲୁଗାସବୁ ସଫାସୁଫି କରି ଯତ୍ନ ସହକାରେ ଇସ୍ତ୍ରୀ ଦିଆଗଲା । ଏହିପରି କାମ ପଛକୁ କାମ ସବୁ ମୁଁ ଯନ୍ତ୍ରବତ୍ କରିଚାଲିଥାଏ ।

ଉପରବେଳା ମୁଁ ଓ ବାବା ବଜାରକୁ ଗଲୁ କିଣାକିଣି କରିବାକୁ । ସବୁ ଠିକ୍ଠାକ୍ କରି ଘରକୁ ଫେରୁ ଫେରୁ ସନ୍ଧ୍ୟା । ମୁଁ ସନ୍ଧ୍ୟାରେ ନିତ୍ୟକର୍ମ ସାରି ଡ୍ରଇଁ ରୁମରେ ଟେବୁଲ୍ ପାହରେ ନିଜକୁ ନିୟୋଜିତ କରିଥିଲି ମ୍ୟାପ୍ ଉପରେ । ଯେଉଁ ଜାଗାରେ ପୋଷ୍ଟିଂ ହୋଇଛି ତା' ବିଷୟରେ ଅଧିକ ଜାଣିବା ପାଇଁ ।

ପାହାଡ଼ିଆ ଜାଗା, ନଦୀନାଳ ମଧ୍ୟ ଅଛି । ମେନ୍ ରୋଡ଼ କଡ଼ରେ । ତେଣୁ ଯୋଗାଯୋଗ ସୁବିଧା ମଧ୍ୟ ଅଛି । ଏଇସବୁ ଜାଣିଲି କିଛି ଅନୁଧ୍ୟାନ କରି, ଆଉ ବିଶେଷ କିଛି ଜଣାପଡ଼ିବ ନାହିଁ ମ୍ୟାପରୁ । ବାକିତକ ସେଠି ପହଞ୍ଚିଲେ ଜଣାପଡ଼ିବ ।

'ବାବୁ ଭାଇ! ମୋ କୁନି ଦେଇ ଏଇ ବହିଟା ଦେଇଛି ନିଅ ।' ଡାକି ଡାକି ପଶିଆସିଲା ଲୁନା । ମୁଁ ଲୁନା ଠୁଁ ବହିଟା ନେଲି । ସେ ଦୌଡ଼ି ଦୌଡ଼ି ଚାଲିଗଲା । ବୋଧହୁଏ ମୁଁ ଅପେକ୍ଷା କରିଥିଲି ଯାକୁ । କାହିଁକି କେଜାଣି ହଠାତ୍ ଗୋଟେ ଖୁଶିର ଲହର ମୋ ମନରେ ଉଙ୍କି ମାରିଲା । ବହିଟି ଆଡ଼େଇଲି ମୋ ମନ ମୁତାବକ ଜିନିଷଟି ପାଇଲି । ଛୋଟ ଚିରକୁଟ୍ ଟିଏ । ତା'ଭିତରେ କେତେଟା ସୁନ୍ଦର ସୁନ୍ଦର କାଳିର ଗାର । ସବୁ ମିଶାଇଲେ ଏୟା ହେଲା -

ବାବୁ ଭାଇ !

ମୁଁ ଆଜି ସକାଳେ ଲୁନାଠୁଁ ଶୁଣିଲି ତୁମେ କୁଆଡ଼େ ଏଠୁଁ ଚାଲିଯାଉଛ । ତୁମର ପୋଷ୍ଟିଂ କଥା ଶୁଣି ଖୁବ୍ ଖୁଶି ଲାଗିଲା । କିନ୍ତୁ ତୁମେ ଏଠୁଁ ଚାଲିଗଲେ ଜମା ଭଲ ଲାଗିବନି । ତୁମେ କେଡ଼େ ସ୍ବାର୍ଥପର, ଅର୍ଥ ଲୋଭରେ ଏତେ ଦୂରକୁ ଚାଲିଯାଉଛ । ହଉ ଭଗବାନ ତୁମର ମଙ୍ଗଳ କରନ୍ତୁ ।

ରହିଲି,

।ଇତି ।

'କୁନି'

ଦୀର୍ଘ ନିଃଶ୍ବାସ ସହ ପଢ଼ି ଶେଷ କଲି ।

କୁନିର କଥାଗୁଡ଼ିକ ମୋ ମନ ଭିତରେ ପ୍ରତିଧ୍ୱନିତ ହେବାକୁ ଲାଗିଲା |

ରାତିରେ ଖାଇସାରି ଶୋଇବାକୁ ଗଲି | ଆଖି ଆଗରେ ବିଗତ ଦିନର କଥା ଗୁଡ଼ିକ ଛବିପରି ନାଚି ଉଠିଲା |

ଆମ ଘରକୁ ଲାଗି ପ୍ରାୟ କୌଣସି ଘର ନାହିଁ | କିନ୍ତୁ ପାଖ ଘରଟି ଜନ୍ମେଜୟ ବାବୁଙ୍କର ଘର | ଆମ ଘର ସାମ୍ନା ପଡ଼ିଆରେ ତାଙ୍କ ପିଲା ତଥା ସାହିର ଅନ୍ୟ ପିଲାମାନେ କ୍ରିକେଟ୍ ଖେଳନ୍ତି | ତେଣୁ ତାଙ୍କ ପିଲାଏ ଆମ ଘର ସହ ପୁରା ପରିଚିତ | ସେ ଦିନ ମୁଁ ଆମ ବାରଣ୍ଡାରେ ବସି ପଢୁଥାଏ | ତାଙ୍କ ବଡ଼ପୁଅ କୁନା ଆମ ଘରକୁ ଆସିଲା ପାଣି ପିଇବା ପାଇଁ | ପାଣି ପିଇ ଚାଲିଗଲା | ମୁଁ ତାଙ୍କ ଘର ଆଡ଼କୁ ଦେଖିଲି, ସିଏ ଦୌଡ଼ି ଦୌଡ଼ି ଘରକୁ ପଶିଗଲା | ତାଙ୍କ ଘରର ବାଡ଼ିପଟରେ କୂଅଟିଏ ଅଛି | କୂଅକୁ ଲାଗି ତାଙ୍କ କମ୍ପାଉଣ୍ଡ ୱାଲ୍ | ଭିତରେ ସଜନା, ପିଜୁଳି ଆଦି ଗଛ | କୂଅରୁ ପାଣି କାଢ଼ିବା ବେଳେ ସେଠିକାର ଲୋକଙ୍କ ମୁହଁ ସ୍ୱଷ୍ଟ ବାରି ହେଉନଥାଏ | ଏହା ଦୂରତା ଅବା ମୋର ଦୃଷ୍ଟିଦୋଷ କାରଣରୁ ତାହା ମୁଁ ଜାଣି ପାରୁନଥିଲି | କିଛି ଦିନ ହେବ ମୁଁ ଆଉ ଜଣେ ଦି'ଜଣ ଅଧିକ ଲୋକଙ୍କୁ ତାଙ୍କ ଘରେ ଉପସ୍ଥିତ ହେବାର ଅନୁଭବ କରୁଥିଲି | ମଝିରେ ମଝିରେ ସେମାନଙ୍କୁ କୂଅ ପାଖରେ ଦେଖେ |

ଦିନକର କଥା | ମା' ତାଙ୍କ ଘରକୁ ଯାଇଥାଏ କୌଣସି କାରଣରୁ | ହଠାତ୍ ଆମ ଘରେ କେତେଜଣ ଅତିଥି ଆସି ପହଞ୍ଚିଲେ | ବାବା ମୋତେ କହିଲେ - 'ବାବୁ, ଯା' ମାଆକୁ ଡାକି ଦେ | ଏମାନେ ଆସିଛନ୍ତି ପରା |' ମୁଁ ସର୍ଟକଟ୍ ବାଟ ଦେଇ ତାଙ୍କ କୂଅ ପାଖରେ ପହଞ୍ଚିଲି | ହଠାତ୍ ହଡ଼ବଡ଼େଇ ଗଲି | ଜଣେ ଅପରିଚିତାକୁ ଦେଖି | କିନ୍ତୁ ମୋ ପାଟିରୁ ବାହାରି ପଡ଼ିଲା, '.........ମାଉସୀଙ୍କୁ ଡାକିଦିଅ |' କଥା ସହିତ ହାତ ମଧ୍ୟ ମୋର ଅସମ୍ଭବ ପ୍ରକାର ହଲିଗଲା | ସେତେବେଳର ସେ ଆକ୍ସନ ମୋର ମନେ ପଡ଼ିଲେ ଏବେ ମଧ୍ୟ ହସଲାଗେ | ଠିକ୍ ଯେମିତି ମୁଁ ଗୋଟେ ନିର୍ଜନ ସ୍ଥାନରେ କୌଣସି ଅପରିଚିତ ଆଗନ୍ତୁକକୁ ହଠାତ୍ ଭେଟିଲି ଭଳି ମନେ ହେଲା | ମୋ ପାଟିରୁ ଶବ୍ଦ ବାହାରିଛି କି ନାହିଁ, ସେ ଝିଅଟି ଘର ଭିତରକୁ ଚାଲିଗଲା, କିଛି ଉତ୍ତର ନ ଦେଇ | ମୁଁ ଛେପ ଢୋକି ଅପେକ୍ଷା କଲି | କିଛି ସମୟ ପରେ ମା' ଆସିବାର ସୂଚନା ପାଇ ମୁଁ ଘରକୁ ଫେରି ଆସିଲି |

ତା'ପରେ ମୁଁ ଅନେକ ସମୟରେ ସେଇ ଅପରିଚିତାଟିକୁ ସେଇ କୂଅପାଖରେ ଦେଖେ | ମୋର ଆଗ୍ରହ କ୍ରମଶଃ ବଢ଼ିଚାଲିଲା | ଦିନେ କୁନା ଆମ ଘରକୁ ଆସିଥାଏ, ତାକୁ ମୁଁ କଣ ପଚାରୁ ପଚାରୁ ସେ କହିଲେ, 'ଏଇ ଆମ କୁନି ଦେଇ ନୁହେଁ...' ତା' ବାକ୍ୟକୁ ଅଧାରେ ରଖି ପଚାରିଲି, 'କୁନି ଦେଇ ?' ସେ କହିଲା, 'ହଁ, କୁନି ଦେଇ, ଆମ ଘରେ ଦେଖିନ ? ମୋ ବଡ଼ବାପାଙ୍କ ଝିଅ | ସିଏ ଏବେ ଏଠି ପଢୁଛି |'

ମୁଁ ସବୁ ବୁଝିଗଲା ପରି କହିଲି, 'ଓହୋ ! କୁନି ଦେଇ, ହଁ ହଁ, ବୁଝିଲି |'

ଅନେକ ଦିନପରେ ଜାଣିଲି ଯେ ଯେଉଁ ଅପରିଚିତାକୁ ମୁଁ ହଠାତ୍ ସେ ଦିନ ଭେଟିଥିଲି,

ସେ ମହାରାଣୀଙ୍କ ନାମ 'କୁନିଦେଇ' |

ମୋର ଆଉଗୋଟିଏ ବଦଭ୍ୟାସ ହେଲା, ଏକୁଟିଆ ବେଳେ ବସି ବଂଶୀ ଫୁଙ୍କିବା | କିନ୍ତୁ ଏଇ ବଂଶୀ ଫୁଙ୍କିବାଟା ବଢ଼ିଗଲା | ସେଇଦିନ ଠାରୁ ଯୋଉ ଦିନଠୁଁ ମୁଁ ସେ ମହାରାଣୀଙ୍କୁ ଦେଖିଥିଲି | କାହିଁକି କେଜାଣି ମୋ ଭିତରୁ ଗୋଟେ ପ୍ରେରଣା ଜାତ ହେଉଥିଲା | ଆଉ ତାକୁ ମୁଁ ସାଙ୍ଗେ ସାଙ୍ଗେ ବଂଶୀମାଧ୍ୟମରେ ଶବ୍ଦରେ ରୂପାନ୍ତରିତ କରିବାକୁ ଚେଷ୍ଟା କରୁଥିଲି |

ମଝିରେ କିଛି ଦିନ, କିଛି ଦିନ ନୁହେଁ ତ ଅନେକ ଦିନ ମୁଁ ଏକୁଟିଆ ଥିଲି | ମା ଆଉ ବାବା କୌଣସି ଜରୁରୀ କାମରେ ଅନୁପସ୍ଥିତ ଥିଲେ | ସେତେବେଳେ ମୋର ଦୁର୍ଭାଗ୍ୟ ଯେ ମୋର ଡାହାଣ ଗୋଡ଼ ପାଦ ପାଖରେ ସଂକ୍ରମଣ ହୋଇଯାଇ ଭୀଷଣ କଷ୍ଟ ହେଉଥିଲା | ଦେହରେ ମଧ୍ୟ ତାପମାତ୍ରା ବଢ଼ିଯାଇଥିଲା | ଲୁନା, କୁନା ଆଉ ମିନି ତିନିଜଣ ଯାକ ଆମ ଘରକୁ ଆସି ମୋର ଏ ଅବସ୍ଥା ଦେଖି ଯାଇ ତାଙ୍କ ଘରେ ପ୍ରଚାର କଲେ, ମୁଁ ସେତେବେଳେ ଅବଶ୍ୟ ଅନ୍ୟର ସାହାଯ୍ୟ ଆଶା କରୁଥିଲି ଓ ମା'ବାବାଙ୍କ ଅନୁପସ୍ଥିତିର ଦୁଃଖକୁ ମର୍ମେ ମର୍ମେ ଅନୁଭବ କରୁଥିଲି | ଏଇ ସମୟରେ ଜନ୍ମେଜୟ ବାବୁଙ୍କ ପରିବାର ମୋର ବିଶେଷ ଯତ୍ନ ନେଇଥିଲେ, ସତେ ଯେପରି ମୁଁ ତାଙ୍କ ପରିବାରର ଜଣେ ସଦସ୍ୟ |

କିନ୍ତୁ ବର୍ତ୍ତମାନ ସୁଦ୍ଧା ମୁଁ କୁନିର ମୁହଁକୁ ଠିକ ଭାବରେ ଦେଖିନଥାଏ | ତେଣୁ ମୋର ଯନ୍ତ୍ରଣା ସହ ମୁଁ ଆଉ ଗୋଟେ ଯନ୍ତ୍ରଣା ପାଉଥାଏ | ସେତେବେଳେ ରାତିରେ ମୋ ପାଖକୁ କୁନା ଆସୁଥାଏ ପଢ଼ିବାକୁ ଓ ରାତିରେ ମୋ ପାଇଁ ତାଙ୍କ ଘରୁ ଖାଇବା ବି ନେଇ ଆସୁଥାଏ | ମୁଁ ଆରାମରେ ଖାଇ ପେଟୁଙ୍କ ଭଳି ଶୋଇଯାଉଥାଏ |

ଦିନେ ମୁଁ କୁନାଠୁଁ ଜାଣିଲି ଯେ, ମୁଁ ଯେଉଁ ବିଷୟରେ ସବୁ ପଢୁଛି କୁନି ମଧ୍ୟ ସେଇ ସବୁ ବିଷୟରେ ପଢୁଛି | ଆମ ଦି'ଜଣଙ୍କର ଏକା ପାଠ୍ୟବର୍ଷ | ତେଣୁ ମୁଁ ଆଉ ଟିକେ ସୁବିଧା ପାଇଗଲି | ଦିନେ କୁନାକୁ କହିଲି - 'ଆରେ କୁନା, ତୋ କୁନି ଦେଇ ପାଖରେ କି କି ବହି ଅଛି ପଚାରି ଆସିବୁ ତ ! ମୋର ଦରକାର ବେଳେ କାମରେ ଲାଗିବ |'

ଆଶ୍ଚର୍ଯ୍ୟର କଥା ସେ ଯାଇ ଗୋଟେ ଲମ୍ବା ତାଲିକା ନେଇ ଆସିଲା | ପ୍ରଥମଥର ପାଇଁ କୁନିର ଗୋଲ୍ ଗୋଲ୍ ଅକ୍ଷର ମୁଁ ଦେଖିଲି | ତାପରେ କିଛି ବହି ମୁଁ ମଗାଇ ପଠାଇଲି | ବହି ଆସିଗଲା | ପଢ଼ାରେ କିନ୍ତୁ ନାଁ ଗନ୍ଧ ନଥିଲା | ଖାଲି ବାରଣ୍ଡାରେ ବସି ଏକ ଲୟରେ କୂଅପାଖକୁ ଚାହିଁବାଟା ଅଭ୍ୟାସ ହୋଇଗଲା |

ମୁଁ ତା ବହି ଉପରେ, ନିଜ ବହି ଭଳି ମନଇଚ୍ଛା ଲେଖିଗଲି | ଗୋଟେ ବହିରେ ତା ନାଁକୁ ସୁନ୍ଦର କରି ଲେଖିଦେଲି | ଦିନେ ଦିନେ ବହି ଫେରାଇ ଆଉ ନୂଆ ବହି ମଗାଇଲି |

ଦିନେ ଲୁନା ଗୋଟେ ଅଭିଧାନ (ଡିକ୍ସିନାରୀ) ଧରି ହାଜର | କହିଲା, 'ମୋ କୁନି ଦେଇ କହିଛି - ତା' ନାଁ ଏହା ଉପରେ ବି ଲେଖିଦିଅ ଭଲ କି |' ମୁଁ ମନେ ମନେ ଖୁସି

ହୋଇଗଲି | ଖୁବ୍ ଯତ୍ନ ସହକାରେ ରଙ୍ଗ ବ୍ୟବହାର କରି ତାକୁ ସଜାଇଲି | ଯେଉଁଦିନ ବସି ମୁଁ ତା ନାଁ ଲେଖୁଥାଏ ସେତେବେଳେ ମୋ ଚାରିପଟେ ଲୁନା, କୁନା ଆଉ ମିନି ଘେରି ବସିଥାନ୍ତି | ମୁଁ ମଝିରେ ମଝିରେ ଲକ୍ଷ୍ୟ କରୁଥାଏ କୂଅ ପାଖକୁ | କୁନିକୁ ହଠାତ୍ ଦେଖିପାରିଲି | ଲୁନାକୁ କହିଲି, 'ଆରେ ଯା ତ, ତୋ କୁନି ଦେଇକୁ ପଚାରିବୁ ତା ନାଁ ପୂର୍ବରୁ କୁମାରୀ ଲେଖିବି ନା ମିସ୍ ଲେଖିବି?'

ଲୁନା ଆଗ୍ରହରେ ଧାଇଁଗଲା | କୂଅପାଖରୁ କୁନି ମଧ୍ୟ ଆଗ୍ରହରେ ବୋଧହୁଏ ଚାହିଁଥିଲା ଲୁନାକୁ | କିଛି ସମୟ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ପରେ ଲୁନା ଫେରିଆସିଲା, କହିଲା 'ଦେଇ କହିଲେ ମିସ୍ ଲେଖିଦିଅ |'

ମୁଁ ସଙ୍ଗେ ସଙ୍ଗେ ଲେଖିଲି, 'ମିସ୍... ... ' ତା'ର ପୁରା ନାଁଟା ଅବଶ୍ୟ ଏ ପିଲାମାନେ ଆଗରୁ କହିଦେଇଥିଲେ |

ତା'ର ଗୋଟେ ବହିଧରି ମୁଁ ପଢୁଥାଏ | ହଠାତ୍ କଣ ମନହେଲା କେଜାଣି ଖଣ୍ଡେ ତାଳପତ୍ର ତଳେ ପଡ଼ିଥିଲା, ତାକୁ ଆଣି ତା ଉପରେ 'ନବବର୍ଷର ଅଭିନନ୍ଦନ' ଲେଖି ବହି ଭିତରେ ପୂରାଇ ଦେଲି | ରାତିରେ କୁନାକୁ କହିଲି, 'ଏଇ ବହିଟା ନେଇ ଯା, ଅନ୍ୟ ବହି ଆଣିଦେବୁ |'

ଅନ୍ୟଦିନ ପୁଣି ସେହି ପୁର୍ବୋକ୍ତ ବହିଟି ମଗାଇଲି | ଦେଖିଲି ସେ ତାଳ ପତ୍ରଟି ନଥିଲା | ମୋତେ କିଏ କୁତୁ କୁତୁ କଲା ପରି ଲାଗିଲା | ଏହିପରି ସମୟର ଭାବନାକୁ କେବଳ ଅଙ୍ଗେ ନିଭେଇ ଥିବା ଲୋକ ହିଁ ଜାଣି ପାରିବ | ସେ ସମୟର ଭାବନା ପ୍ରକାଶ କରି ହୁଏନି | ଅବଶ୍ୟ ଅନେକଙ୍କର ମନରେ ଧାରଣା ଅନ୍ୟରାସ୍ତା ଧରିପାରେ | କିନ୍ତୁ ମୋ ଅନ୍ତରରେ ସେତେବେଳେ କୌଣସି ଅସଂଲଗ୍ନ ଚିନ୍ତାଧାରା ପ୍ରବେଶ କରିନଥିଲା | କେବଳ ଗୋଟିଏ କୌତୁହଳ ମାତ୍ର ଥିଲା | ପ୍ରକୃତରେ ପ୍ରଥମ ପ୍ରଥମରେ ଏହିପରି ଉତ୍‌ଫୁଲତା ମନରେ ସୃଷ୍ଟି ହୁଏ କି ? ହଁ, ନିଶ୍ଚୟ !!!

ମୋ ସାହାସ ବଢ଼ିଗଲା | ମୁଁ ପୁଣି ଆଉ ଦିନେ ସେଇ ବହିରେ ଲେଖିଦେଲି - 'ତୁମକୁ ଦେଖିବାକୁ ବହୁତ ମନ ହେଉଛି, ଥରେ ତ ଦେଖା ଦିଅ |' କୁନା ବହି ନେଇ ଚାଲିଗଲା | କିନ୍ତୁ ଛାତି ଭିତରଟା ଧକ୍ ଧକ୍ କରୁଥାଏ | କାଳେ କୁନିକୁ ଏଇ କଥା ଅପସନ୍ଦ ହେଲେ ସେ ଯଦି ଘରେ କହିବ କଣ ହେବ ? ନାଁ, ସେମିତି ହେବନି | କାହିଁକି ହେବ ? କିନ୍ତୁ ଯଦି ହୁଏ ? ମୁଁ କଣ କରିବି ? ଏଇମିତି ଅନେକ ଭୟ ଓ ଭାବନା ମୋ ମନକୁ ଉଚ୍ଛନ୍ନ କରି ପକାଇଲେ |

ହେଲେ ସେମିତି କିଛି ହେଲାନି | ଦିନେ ପରେ ମୁଁ ଉତ୍ତର ପାଇଗଲି | ଖଣ୍ଡେ କାଗଜରେ ସେଇ ବହି ଭିତରେ ଆସିଥିଲା ସନ୍ଦେଶ | ପ୍ରଥମ କଭର୍ ପୃଷ୍ଠାର ଭିତର ପାହରେ ଲେଖାଯାଇଥାଏ ସ୍କେଚ୍ ପେନ୍‌ରେ 'ବାବୁ ଭାଇ' ଆଉ ଭିତରେ ଚିରକୁଟରେ -

କ୍ରମଶଃ

ଅବଶିଷ୍ଟାଂଶ ଧାରାବାହିକ ଭାବରେ ଆମ ପତ୍ରିକାରେ ପ୍ରକାଶିତ ହେବ |

# ଆଲାର୍ମ

ବିଭୁ ପ୍ରସାଦ ମିଶ୍ର

ପରୀକ୍ଷା ସରିବାର ଖୁସିକୁ ଦୁଇ ଗୁଣ କରିବାପାଇଁ ଆଉ ଗୋଟିଏ ଖବର ଯଥେଷ୍ଟ ଥିଲା | ଆଉ ତାହା ଥିଲା "ଭବାନୀପାଟଣାରୁ ଭୁବନେଶ୍ବର ଟ୍ରେନ୍ ଚଳାଚଳ", ଭବାନୀପାଟଣା ରେ ପ୍ରଥମ ପାଦ ଦେବା ବେଳେ ହିଁ ଶୁଣିବାକୁ ମିଳିଥିଲା, "ଭୁବନେଶ୍ବର କୁ ଟ୍ରେନ୍ ଚାଲିବ" ଯାହା ଆଜି ବାସ୍ତବତାର ରୂପ ନେଇଛି | ପୁଣି ଆଜି ବି ତ ପରୀକ୍ଷା ସରୁଛି, ମାନେ ଘରକୁ ଯିବାର ବେଳ |

ସମସ୍ତଙ୍କ ଆନନ୍ଦ ଉଲ୍ଲାସ ଭିତରେ ଟ୍ରେନ୍ର ହର୍ଣ୍ ବାଜିଲ |

-ଦ୍ବିତୀୟ

-ତୃତୀୟ

ଆସ୍ତେ ଆସ୍ତେ ଗାଡି ଛାଡ଼ିଲା, ଆଉ ପରବର୍ତ୍ତି ସମୟରେ ନିଜର ବେଗ ଧରିଲା |

ଏତେ ଭିଡ଼ ସତ୍ତ୍ୱେ ସିଟ୍ ଗୋଟିଏ ମିଳିଗଲା ବସିବା ପାଇଁ | ଅନ୍ୟ ସାଙ୍ଗ ମାନେ ବି ଥିଲେ କିନ୍ତୁ ସିଟ୍ ଖୋଜିବା ଭିତରେ ଭିନ୍ନ ଭିନ୍ନ ହୋଇଯାଇଥିଲୁ (ଉଦ୍ଦେଶ୍ୟ ନ ଥାଇ); ମୁଁ ବସିଥିବା ବଗିରେ ମଧ୍ୟ କିଛି ସାଙ୍ଗ ଥିଲେ, ହେଲେ ମୋ ଠାରୁ ଦୁରରେ... ଆଗରେ ବସିଥାନ୍ତି କିଛି ତରୁଣୀ, ଯେଉଁ ମାନଙ୍କୁ ମୁଁ ପୂର୍ବରୁ ଚିହ୍ନିବା ତ ଦୂରର କଥା ଦେଖି ନ ଥିଲି ମଧ୍ୟ....

ଆଖି ଏଣେତେଣେ ବୁଲିବା ପରେ ଆସି ଗୋଟେ ସ୍ଥାନରେ ରହିଗଲା | ଆଖି ଯାହାକୁ ଦେଖୁଥିଲା, ତାହା କୌଣସି ନିର୍ଜୀବ ବସ୍ତୁ ନଥିଲା, ବରଂ ସେହି ତରୁଣୀମାନଙ୍କ ଭିତରୁ ଜଣେ | ଗୋଟେ ରାତି ଏକାକି ବସିବାର ଥିଲା, ତେଣୁ କେତେ ଆଉ ମୋବାଇଲ୍ରେ ଗୀତ ଶୁଣିବି? କୌଣସି ମତେ କଥା ଆରମ୍ଭ ହେଇଗଲା...କଥାବାର୍ତ୍ତାରୁ ଜଣାପଡ଼ିଲା ଯେ, ସେମାନେ ଭୁବନେଶ୍ବରର କୌଣସି ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି, ଆଉ ଘର ବ୍ରହ୍ମପୁର୍ | (ସେମାନଙ୍କ ଭିତରେ ସେ ଝିଅ ବି ଅଛି) ସମସ୍ତଙ୍କ କଥା ଜାଣିବା ତ ମୋର ଦରକାର ନ ଥିଲା | କିନ୍ତୁ ଯାହା ଜାଣିବାର ଥିଲା ତାହା ଜଣା ପଡିଗଲା...

-ନାମ: ଭୂମିକା ମିଶ୍ର

ଟ୍ରେନ୍ ଷ୍ଟେସନ୍ ପରେ ଷ୍ଟେସନ୍ ଡେଇଁ ଆଗକୁ ଚାଲିଛି କିନ୍ତୁ ଆମ କଥାର ଗାଡ଼ି କେତେବେଳୁ ଗୋଟେ ନିର୍ଦ୍ଦିଷ୍ଟ ଷ୍ଟେସନ୍ରେ ଅଟକି ଯାଇ ଥିଲା....

ଦିନେ ଫୋନ୍ ଆସିଲା, ଗୋଟେ ଅଜଣା

ନମ୍ବର୍ | ହ୍ୟାଲୋ କହିଲା ପରେ ସେପଟୁ ଶୁଭିଲା ଗୋଟେ ନାରୀ କଣ୍ଠ ସ୍ବର...

-ହ୍ୟାଲୋ! ମୁଁ ଭୂମିକା କହୁଛି... ଚିହ୍ନି ପାରୁଛ?

-ହଁ ହଁ! ଟ୍ରେନ୍‌ରେ ଦେଖା ହୋଇଥିଲା ତ?

-ହ |

-କିଛି କାମ ଥିଲା ?

-ହଁ, ଦେଖା କରିବାର ଥିଲା |

-ମାନେ?

-କାଲି ସକାଳ ୧ ୨ ଟା, ସି. ଆର୍. ପି ଛକ...

ମୁ କାଲି ୧ ୨ ଟା ବେଳେ କଲ୍ କରିବି

-ହ୍ୟାଲୋ! ହ୍ୟାଲୋ...

ସେପଟୁ କିଛି ଉତ୍ତର ନଥିଲା

ମୋବାଇଲ୍ ସ୍କ୍ରିନରେ ଲେଖାଥିଲା, କଲ୍ ଏଣ୍ଡ୍... ମନେ ମନେ ଭାବିଲି ଦେଖା କରିବାର ଥିଲେ କୌଣସି ରେଷ୍ଟୁରାଣ୍ଟ , ସି. ସି. ଡେ(କଫି କେଫେ ଡେ) ନହେଲେ ଘରକୁ, ନହେଲେ ପାର୍କ୍.... ନା ନା ପାର୍କ୍‌ରେ ଦେଖା କରିବା ଠିକ୍ ହେବନି... ହେଲେ ଛକର ରହସ୍ୟ କଣ?

ପରଦିନ ସକାଳୁ ସକାଳୁ ସବୁ କାମ ସାରି ଅପେକ୍ଷା କଲି ଫୋନ୍‌କୁ ଧରି, କାଳେ ଆଉ ଥରେ କଲ୍ ଆସିବ... କିନ୍ତୁ ଅପେକ୍ଷା କରିବା ବୃଥା ଥିଲା... ୧୧ଟା ବେଳେ ଘରୁ ବାହାରିଲି... ୧୧:୩୦ରେ ସି. ଆର୍. ପି ଛକ... ପୁଣି ଅପେକ୍ଷା କଲି... ମନେ ମନେ ଭାବିଲି ସକାଳର ଅପେକ୍ଷା ଭଳି ଏ ଅପେକ୍ଷା ବି ବୃଥା ଯିବନି ତ?

ଗଛ ତଳେ ଅପେକ୍ଷା କଲି, ବାରମ୍ବାର ଘଣ୍ଟା ଦେଖି ଦେଖି...

-୧୧ଟା ୩୭

-୧୧ଟା ୪୨

-୧୧ଟା ୪୬

କଲ୍ ବି ଅସିଲାନି.

-୧୧ଟା ୫୯

-୧୨ଟା ୩

ଗୋଟେ ଛାଇ ଆସି ମିଶିଗଲା ଗଛର ଛାଇରେ ଆଉ ଶୁଭିଲା,

-କଣ ଚିହ୍ନି ପାରୁନ?

-ତୁମକୁ ପୁଣି ଚିହ୍ନି ପାରିବିନି?

ଉତ୍ତର ଦେଲି ମୁଁ...

ଆସ ବୋଲି କହି ଆଗେ ଚାଲିଲା ଭୂମିକା, ଆଉ ମୁଁ ପଛେ ପଛେ...

ପାଦ ରହିଲା ଯାଇ ଗୋଟେ ରେଷ୍ଟୁରାଣ୍ଟ ପାଖରେ, ମୁଁ ବି...

-କଣ ଖାଇବେ?

-ତୁମ ଇଛା

କିଛି ସମୟ ନିରବ ରହିବା ପରେ କହିଲି ମୁଁ... ଖାଇବା ଭିତରେ କିଛି କଥାବାର୍ତ୍ତା ହେଲା | (ସମସ୍ତ କୈଫତ ମାଗନ୍ତୁ ନାହିଁ)

ଶେଷରେ ବିଦାୟ ଜଣାଇ ଫେରିଲି ମୁଁ... କିନ୍ତୁ ଏମିତି ଡାକି ରେଷ୍ଟୁରାଣ୍ଟ୍ରେ ଖୁଏଇବା ପଛରେ ନିଶ୍ଚୟ କିଛି ଉଦ୍ଦେଶ୍ୟ ଥିବ ବୋଲି ଭାବିଲି.. ହେଲେ କଣ ସେଇ ଉଦ୍ଦେଶ୍ୟ ଅନୁମାନ କରି ପାରିଲି ନାହିଁ...

ସମ୍ପର୍କ ଆଗକୁ ବଢ଼ିଲା, କଲ୍ ଫ୍ରିକ୍ୱେନ୍ସି ସହ କଲ୍ ଡ୍ୟୁରେସନ୍ ମଧ୍ୟ ବଢ଼ିଲା... ଆଉ ବଢ଼ିଲା ଫେସବୁକ୍ ଷ୍ଟାଟସରେ ଗୋଟେ ଲାଇକ୍...

ରେଷ୍ଟୁରାଣ୍ଟ୍ ପରେ ପାର୍କରେ ବି ଭେଟ ହେଲା...

-ଥରେ

-ଦି ଥର

-ତିନି ଥର

ପାର୍କ୍ର ଶୁଖିଲା ଘାସ ସବୁ ଆମ ସମ୍ପର୍କର ମୁକ ସାକ୍ଷୀ ହୋଇ ରହିଥିଲେ... ପାର୍କ୍ର ଶୁଖିଲା ଘାସ ଉପରେ ବସିଥିବା ବେଳେ

-ଆଖି ବନ୍ଦ କଲେ ସୁନ୍ଦର ଉପହାର ଦେବି ବୋଲି କହିବାରୁ ମୁଁ ଆଖି ବନ୍ଦକରି ଉପହାରକୁ ଅପେକ୍ଷା କଲି..

ଆଖି ବନ୍ଦ କରିବାର କିଛି ସମୟ ପରେ ନରମ ଓଠ ଦୁଇଟି ଆସି ମିଶି ଗଲେ ମୋ ଗାଲ ପାଖରେ...

ଟିଂ ଟିଂ ଟିଂ....

ବାଜି ଉଠିଲା ମୋବାଇଲ୍ ର ଆଲାର୍ମ୍... ନିଦ ଭାଙ୍ଗିବା ସହ ସ୍ୱପ୍ନ ବି.... ଆଖି ଖୋଲି ଦେଖିଲି, ଆଗରେ କେହି ନଥିଲେ...

ବୋଧେ ସେମାନେ ଓହ୍ଲେଇ ଗଲେ ବ୍ରହ୍ମପୁରରେ, ଭୂମିକା ବି...

# ଆମ ଯାନିଯାତ୍ରା ଆମ ପରମ୍ପରା

# ବ୍ରହ୍ମପୁରର ଠାକୁରାଣୀ ଯାତ୍ରା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ ସହର ବ୍ରହ୍ମପୁର ଏବଂ ଏଠାରେ ଉପସ୍ଥିତ ମା ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ଯାତ୍ରା ସମ୍ପ୍ରତି ବ୍ରହ୍ମପୁର ସହରରେ ପାଳିତ ହେଉଛି । ପ୍ରତି ଦୁଇବର୍ଷରେ ଥରେ ପାଳିତ ହେଉଥିବା ଏହି ଯାତ୍ରା ବ୍ରହ୍ମପୁର ତଥା ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଯାତ୍ରା ମାନଙ୍କ ମଧ୍ୟରୁ ଅନନ୍ୟ । ମା ସାଆନ୍ତାଣୀଙ୍କୁ ନିଜ ବାପଘରକୁ ପ୍ରତି ଦୁଇବର୍ଷରେ ବୁଲିଆସିବା ଅବସରରେ ଏହି ଯାତ୍ରା ପାଳନ କରାଯାଏ । ଚଳିତବର୍ଷ ଅପ୍ରେଲ ୫ ତାରିଖରୁ ଏହି ଯାତ୍ରା ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏବଂ ଏହି ଯାତ୍ରା ପାଇଁ ସହରର ବଡ଼ ବଜାର, ସାନ ବଜାର ଏବଂ ପ୍ରମୁଖତଃ ଦେଶୀବେହେରା ସାହି ଉତ୍ସବମୁଖର ହୋଇ ଉଠିଥାଏ । ଏହି ଯାତ୍ରା ଏହି ସହରର ବହୁ ପୁରାତନ କିମ୍ବଦନ୍ତୀକୁ ମନେ ରଖିବାର ଏକ ଅନନ୍ୟ ପରମ୍ପରା ।

## ଠାକୁରାଣୀ ଯାତ୍ରା କଣ ? ଏବଂ କିପରି ପାଳନ ହୁଏ ?

ପ୍ରତି ଦୁଇବର୍ଷରେ ଏହି ଯାତ୍ରା ପାଳନ ହୁଏ । ଏହି ଯାତ୍ରାର ପ୍ରାରମ୍ଭିକ ପର୍ବରେ ମା'ଙ୍କ ଶୁଭଖୁଣ୍ଟି ଅଣାଯାଇଥାଏ । ଏହି ଯାତ୍ରାପାଇଁ ନିଯୁକ୍ତ ବିଶେଷ ପୁରୋହିତ ବା ସିଦ୍ଧାନ୍ତିଙ୍କ ନିର୍ଦ୍ଦେଶାନୁସାରେ ଶୁଭମୁହୂର୍ତ୍ତ ଦେଖି ମା'ଙ୍କ ଶୁଭଖୁଣ୍ଟି ଆସେ । ଶୁଭଖୁଣ୍ଟି ସ୍ଥାପନ ହେବା ସହ ଠାକୁରାଣୀ ଯାତ୍ରାର ଦିନ ଧାର୍ଯ୍ୟ କରାଯାଏ । ମା କେଉଁଦିନ ବାପଘରକୁ ଆସିବେ ତାହା ସିଦ୍ଧାନ୍ତିଙ୍କ ଦ୍ବାରା ସ୍ଥିର କରାଯାଏ । ମା ସାଆନ୍ତାଣୀଙ୍କ ପିତୃଆଳୟ ବା ଦେଶୀବେହେରାଙ୍କ ପ୍ରମୁଖ ଶ୍ରୀ ପି ଦୁର୍ଗାପ୍ରସାଦ ଏବଂ ପି ଦେବକୀ ସପତ୍ନିକ ଆନୁଷ୍ଠାନିକ ଭାବରେ ମନ୍ଦିରକୁ ଯାଇ ମା'ଙ୍କୁ ନିମନ୍ତ୍ରଣ ଦେଇଥାନ୍ତି । ଏହି ନିମନ୍ତ୍ରଣ ସମୟରେ ମା'ଙ୍କୁ ବିଶେଷ ପୂଜା କରାଯାଏ । ଏବଂ ମା'ଙ୍କ ମସ୍ତକରୁ ଫୁଲମାଳ ଖସି ଦେଶୀବେହେରାଙ୍କ ଫୁଲ ଚାଙ୍ଗୁଡ଼ିରେ ପଡ଼ିବାପରେ ଏହାକୁ ମା'ଙ୍କ ଆଜ୍ଞା ବୋଲି ଧରିନିଆଯାଏ । ଏହାଦ୍ବାରା ମା ନିଜେ ପିତାଙ୍କ ଘରକୁ ଯିବାପାଇଁ ଅନୁମତି ଦିଅନ୍ତି ବୋଲି କିମ୍ବଦନ୍ତୀ ରହିଛି । ସେହିଠାରୁ ଶୋଭାଯାତ୍ରାର ଆୟୋଜନ କରାଯାଇ ମା'ଙ୍କୁ ଦେଶୀବେହେରାଙ୍କ ଘରକୁ ନିଆଯାଏ । ସେଠାରେ ମା ଦିନଟିଏ ବିଶ୍ରାମ କରିବାପରେ ପ୍ରତିଦିନ ଏକ ଅସ୍ଥାୟୀ ଆସ୍ଥାନରେ ଅବସ୍ଥାପିତ ହୋଇ ସହରବାସୀଙ୍କୁ ଦର୍ଶନ ଦେବା ସହ ବିଭିନ୍ନ ସାହି ବୁଲିଥାଆନ୍ତି । ଏହା ଏକ ଅନନ୍ୟ ପରମ୍ପରା । ଏହି ଯାତ୍ରା ସମୟରେ ବିଶେଷ କରି

ବଡ଼ବଜାର ଅଞ୍ଚଳରେ ବିଭିନ୍ନ ସାହିରେ ବର୍ଣ୍ଣାଢ଼୍ୟ ମେଢ଼, ରଥ ଓ କଳାକୁଞ୍ଜ ଆଦି ବାହାରିଥାଏ |

## ଠାକୁରାଣୀ ଯାତ୍ରାର କିମ୍ବଦନ୍ତୀ ଏବଂ ମହୁରୀ ରାଜା

ଏହି ଯାତ୍ରାର ଲିଖିତ ଇତିହାସ ନଥିଲେ ସୁଦ୍ଧା କିଛି ଇତିହାସକାର ଏହି ଯାତ୍ରା ୧୭୮୨ ମସିହାରେ ଆରମ୍ଭ ହୋଇଥିବା କଥା କହନ୍ତି | ସେହି ସମୟରେ ବ୍ରହ୍ମପୁର ସହରକୁ ଶାସନ କରୁଥିବା ମହୁରୀଗଡ଼ର ରାଜା ଶ୍ରୀ ହରିହର ନରେନ୍ଦ୍ରଦେବ ଦକ୍ଷିଣ ଭାରତଗସ୍ତ ସମୟରେ ରାଜମହେନ୍ଦ୍ରୀନାମକ ସହରରେ କିଛି ବୁଣାକାରଙ୍କୁ ଦେଖି ଏବଂ ସେମାନଙ୍କ କଳାକୌଶଳକୁ ଦେଖି ସେମାନଙ୍କୁ ତାମ୍ରପଟା ଦେଇ ସମ୍ମାନିତ କରିଥିଲେ ଏବଂ କିଛି ବୁଣାକାରଙ୍କୁ ସେ ନିଜ ସହିତ ବ୍ରହ୍ମପୁର ଆଣିଥିଲେ ଏବଂ ଏଠାରେ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ | ଏହି ସମ୍ପ୍ରଦାୟର ଲୋକମାନଙ୍କୁ ପ୍ରଥମେ ଡେରା ବୋଲି କୁହାଯାଉଥିବା ବେଳେ ସେମାନଙ୍କ ମୁଖିଆଙ୍କୁ ଦେଶୀବେହେରା ବୋଲି ଆଖ୍ୟା ଦିଆଯାଇଥିଲା | ଡେରା ସମ୍ପ୍ରଦାୟର ଲୋକମାନଙ୍କ ଦ୍ବାରା ବ୍ରହ୍ମପୁରରେ ପ୍ରଥମେ ମା' ବୁଢ଼ୀ ସାଆନ୍ତାଣୀଙ୍କ ପୂଜା ହୋଇଥିବା କଥା କିମ୍ବଦନ୍ତୀ ରହିଛି | ସେହି ସମୟରୁ ହିଁ ଠାକୁରାଣୀ ଯାତ୍ରାର ଶୁଭାରମ୍ଭ ହୋଇଥିବା କଥା କୁହାଯାଏ | ଏବଂ ପ୍ରତ୍ୟେକଥର ଠାକୁରାଣୀ ଯାତ୍ରା ସମୟରେ ମା'ଙ୍କ ପୂଜାଅର୍ଚ୍ଚନା ଦେଶୀବେହେରା ହିଁ କରି ଆସୁଛନ୍ତି | ଏବଂ ମା'ଙ୍କ ଘଟକୁ ସମ୍ମାନ ସୂଚକ ଭାବେ ମହୁରୀ ରାଜାଙ୍କ ନଅରକୁ ନିଆଯାଉଛି | ଯାତ୍ରା ସମୟରେ ପ୍ରତିଦିନ ମା'ଙ୍କ ଘଟକୁ ରାଜନଅରକୁ ନିଆଯାଏ | ଏହା ଦ୍ବାରା ରାଜପରିବାର ଉପରେ ମା'ଙ୍କ କରୁଣା ପ୍ରଦର୍ଶନ ରହିଥାଏ |

## ଠାକୁରାଣୀ ଯାତ୍ରାର ପରମ୍ପରା

ଠାକୁରାଣୀ ଯାତ୍ରା ସମୟରେ ଅନୁଷ୍ଠିତ ପ୍ରତ୍ୟେକ ଅନୁଷ୍ଠାନ ପାରମ୍ପରିକ ରୀତିରେ ନିୟମାନୁସାରେ ପାଳନ ହୁଏ | ମା'ଙ୍କ ଶୁଭଖୁଣ୍ଟି କିଏ ଧରିବ, ତାହା ମଧ୍ୟ ପୂର୍ବନିର୍ଦ୍ଧାରିତ ହୋଇଥାଏ | ମା'ଙ୍କୁ ଠାକୁରାଣୀ ମନ୍ଦିରରୁ ଦେଶୀବେହେରାଙ୍କ ଘରକୁ ଆଣିବାପାଇଁ ଏହ ବିଶେଷ ଚାଙ୍ଗୁଡ଼ି ପାରମ୍ପରିକ କାରିଗର ମାନଙ୍କ ଦ୍ବାରା ତିଆରି କରାଯାଏ | ମା କେବଳ ଏହି ଚାଙ୍ଗୁଡ଼ିରେ ହିଁ ଆସନ୍ତି | ଏହାକୁ ଫୁଲମାଳ ଚାଙ୍ଗୁଡ଼ି ବୋଲି କୁହାଯାଏ | ମା ଅସ୍ଥାୟୀ

ମନ୍ଦିରରେ ରହି ପୂଜାର୍ଚ୍ଚନା ପାଉଥିବା ସମୟରେ ମା'ଙ୍କୁ ବିଶେଷ ପୂଜାରୀମାନେ ପୂଜା କରନ୍ତି ଯାହାଙ୍କୁ ଦାମଲା ବୋଲି କୁହାଯାଏ | ମା ଅସ୍ଥାୟୀ ମନ୍ଦିରରେ ରହିବା ସମୟରେ ଏକ ବିଶେଷ ଦିଗବନ୍ଧନ ପୂଜା କରାଯାଏ | ଏହାଦ୍ବାରା ମା ଅସ୍ଥାୟୀ ମନ୍ଦିରରେ ରହିଥିବା ଯାଏଁ ସବୁ ଦିଗକୁ ବନ୍ଧନରେ ବାନ୍ଧି ଦିଆଯାଏ |

ମା'ଙ୍କ ଘଟ, ଅସ୍ଥାୟୀ ମନ୍ଦିର ଓ ବିଭିନ୍ନ ସ୍ଥାନରେ ହେଉଥିବା ଚିତ୍ରକାରିତା ସବୁ ମହିଳାମାନଙ୍କ ଦ୍ବାରା ସମାପନ ହୋଇଥାଏ | ମହିଳାମାନେ ବଂଶାନୁକ୍ରମିକ ଭାବରେ ଏହି ସବୁ ପ୍ରଥା ଓ ଦାୟିତ୍ବ ପାଳନ କରିଆସୁଛନ୍ତି | ପ୍ରତିଦିନ ମା'ଙ୍କ ଅସ୍ଥାୟୀ ମନ୍ଦିରରେ ସକାଳେ ବାଳଭୋଗ, ଅପରାହ୍ନରେ ରାଜଭୋଗ, ସନ୍ଧ୍ୟାରେ ଘଟ ପରିକ୍ରମା ପରେ ପଣା ଭୋଗ ଏବଂ ରାତ୍ରୀରେ ରାଜଭୋଗ ହୋଇଥାଏ |

ମା ବାପାଘରକୁ ଆସିବାପରେ ପ୍ରଥମଦିନଟି ବିଶ୍ରାମ କରନ୍ତି ଏଣୁ ମା'ଙ୍କୁ ଫୁଲମାଳ ଚାଙ୍ଗୁଡ଼ିରେ ରଖାଯାଏ | ପରେ ଏହି ଫୁଲକୁ ନେଇ ଘଟସ୍ଥାପନା କରାଯାଏ | ପ୍ରତିଦିନ ଏହି ଘଟକୁ ନେଇ ମା ମହୁରୀ ରାଜାଙ୍କ ରାଜନଅର ସମେତ ବିଭିନ୍ନ ସାହି ପରିକ୍ରମା କରିଥାନ୍ତି | ଏହି ସମୟରେ ସେହି ସାହିର ମହିଳାମାନେ ହଳଦୀପାଣି ଦେଇ ମା'ଙ୍କ ପାଦପ୍ରକ୍ଷାଳନ କରି ପୂଜାର୍ଚ୍ଚନା କରନ୍ତି | ଘଟ ଧରିଥିବା ମହିଳାମାନଙ୍କ ପାଦକୁ ହଳଦୀପାଣିରେ ଧୋଇଦେଲେ ପୁଣ୍ୟ ମିଳେ ବୋଲି କହନ୍ତି | ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଘଟ ପରିକ୍ରମା ଏକ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥାଏ |

## ଠାକୁରାଣୀ ଯାତ୍ରା ଏବଂ ନୂଆ ଆମୋଦପ୍ରମୋଦ ବ୍ୟବସ୍ଥା

ଏହି ଯାତ୍ରା ସମୟରେ ବ୍ରହ୍ମପୁର ସହର ଉତ୍ସବମୁଖର ହୋଇ ଉଠେ ଏବଂ ସିଟି ହାଇସ୍କୁଲ ପଡ଼ିଆ, ପୁରୁଣା ଆମ୍ବ ମାର୍କେଟ୍ ପଡ଼ିଆ, ଏସ୍ ଏସ୍ ଭିଟି ସିନେମା ହଲ ପଛ ପଡ଼ିଆ ଆଦି ସ୍ଥାନରେ ମୀନାବଜାର ଓ ସର୍କସ ଆଦି ଜମା ହୁଅନ୍ତି | ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସହର ବାସିନ୍ଦାମାନେ ବୁଲି ବୁଲି ଯାତ୍ରାକୁ ଉପଭୋଗ କରୁଥିବା ଦେଖାଯାଏ | ରାମ ଦୋଳି, ରେଳ୍ ଖେଳନା, ସର୍କସ, ମ୍ୟାଜିକ୍ ସୋ, ମୌତ କା କୁଆଁ ଆଦି ଅନେକ ଜିନିଷ ଦେଖିବାକୁ ମିଳେ | ସହରରେ ବିଭିନ୍ନ ଗଳିକନ୍ଦିରେ ମିଷ୍ଟାନ୍ନ ଏବଂ ଅନେକ ଖାଦ୍ୟପଦାର୍ଥ ବିକ୍ରୟ କରୁଥିବା ଉଠା ଦୋକାନମାନ ବି ଦେଖାଯାଏ |

ଯାତ୍ରା ସମୟରେ ବଡ଼ବଜାର ଅଞ୍ଚଳରେ ବିଭିନ୍ନ ସାହିରେ ରଥ ଓ କଳାକୁଞ୍ଜମାନ ଆୟୋଜନ ହୁଏ ଏବଂ ଏହିସବୁ ମଧ୍ୟରେ ପ୍ରମୁଖ ନୃସିଂହ ମନ୍ଦିର ଛକରେ ହରି ଅର୍ଜୁନରଥ, ଚନ୍ଦ୍ରଶେଖର ମନ୍ଦିର ସାହିରେ ହନୁମାନ ରଥ, ନୃସିଂହ ମନ୍ଦିର ସାହିରେ ରାମଚନ୍ଦ୍ର ରଥ, ଶଙ୍ଖାରି ସାହିରେ ବୀର ଲକ୍ଷ୍ମଣ ରଥ, ପୁରୁଣା ବ୍ରହ୍ମପୁର ସାହିରେ ବୀର କର୍ଣ୍ଣ ରଥ, ବଡୁଆରା ସାହିରେ ବିଞ୍ଚଣା ରଥ, ଷଣ୍ଢମହାନ୍ତି ସାହିରେ ଶ୍ୟାମାକାଳୀ ଓ ଶିବାରୂଢ଼ୀ କାଳୀଙ୍କ ରଥ, କାଲୁପାତ୍ର ସାହିରେ ଜ୍ବାଳାମୁଖୀ ରଥ ଅନ୍ୟତମ |

ଯାତ୍ରା ସମାପନ ପରେ ମା'ଙ୍କୁ ସସମ୍ମାନ ପୁଣି ଥରେ ନେଇ ଠାକୁରାଣୀ ମନ୍ଦିରରେ ପ୍ରତିଷ୍ଠା କରିଦିଆଯାଏ ଏବଂ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲୁଥିବା ଠାକୁରାଣୀ ଯାତ୍ରା ସମାପ୍ତ ହୁଏ ଏବଂ ସହରବାସୀଙ୍କୁ ଆଶୀର୍ବାଦ କରିବା ସହିତ ପୁଣିଥରେ ବର୍ଷକର ବ୍ୟବଧାନରେ ଫେରିଆସିବାର ପ୍ରତିଶୃତି ସହ ମା' ନିଜ ମନ୍ଦିରକୁ ଫେରି ଯାଆନ୍ତି |

To Know more please visit our website at : -

www.odiaguru.com/thakurani

Photos, Videos, History and much more

All at one place for your convenience...

# ଗଞ୍ଜାମର ଅନନ୍ୟ ପରମ୍ପରା : ଦଣ୍ଡନାଚ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବସନ୍ତର ବିଦାୟ ଏବଂ ଗ୍ରୀଷ୍ମର ଆଗମନ ସହ ଗଞ୍ଜାମଜିଲ୍ଲାର ପୁରପଲ୍ଲୀ ହୋଇଉଠେ ଉତ୍ସବମୁଖର | ଗାଁ ଗାଁରେ ହଳଦିଆ ବସ୍ତ୍ରପିନ୍ଧିଥିବା ଦଳଦଳ ଲୋକଙ୍କୁ ଧାଡ଼ିବାନ୍ଧି ରାସ୍ତାଘାଟରେ ବୁଲୁଥିବାର ଦେଖାଯାଏ | ଢୋଲ ଏବଂ ତୂରୀର ଶବ୍ଦରେ ଗଗନ ପବନ ହୁଏ ପ୍ରକମ୍ପିତ | ବିଶ୍ୱରେ ବିରଳ ଏକ ଅନନ୍ୟ ପରମ୍ପରା ଯାହା ନିଜ ନାମକୁ ସାର୍ଥକ କରିଥାଏ, ଦଣ୍ଡନାଚ | ନିଜକୁ ଦଣ୍ଡ ଦେଇ ମା ଭଗବତୀଙ୍କ ଆଶୀର୍ବାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଏହି ଦଣ୍ଡନାଚରେ ଭାଗ ନେଇଥାନ୍ତି | ଏହି ବ୍ରତ ଦ୍ୱାରା ଅନେକ ସୁଫଳ ମିଳେ ବୋଲି ଗଞ୍ଜାମ, ଫୁଲବାଣୀ ସମେତ ରାଜ୍ୟର ଅନେକ ଜିଲ୍ଲାରେ ବିଶ୍ୱାସ ରହିଛି | ଏହି ଦଣ୍ଡନାଚ ଯେ କେବଳ ଭକ୍ତିନୈବେଦ୍ୟର ଉପସ୍ଥାପନା ନୁହେଁ , ଏହି ପରମ୍ପରା ସହିତ ଜଡ଼ିତ ନୃତ୍ୟଗୀତ ଆଦି ଦ୍ୱାରା ଗଞ୍ଜାମର ଉର୍ବର ସାହିତ୍ୟିକ ଇତିହାସର ପରିଚୟ ମଧ୍ୟ ମିଳେ |

## ଦଣ୍ଡନାଚ ହୁଏ କାହିଁକି ?

ଦଣ୍ଡନାଚର ଉଦ୍ଦେଶ୍ୟ ଅତି ମହାନ | ଗ୍ରାମବାସୀଙ୍କ ମନରେ ଥିବା ଅନ୍ଧବିଶ୍ୱାସ, କୁବିଶ୍ୱାସ ଆଦିକୁ ଦୂର କରିବା, ଜାତିପ୍ରଥାକୁ ଦୂର କରିବା, ସମସ୍ତଙ୍କ ମଧ୍ୟରେ ଭାତୃତ୍ୱ ଏବଂ ସ୍ନେହ ବଢ଼ାଇବା, ଭକ୍ତି ଏବଂ ବିଶ୍ୱାସବୋଧ ଦ୍ୱାରା ସାମାଜିକ ଶୃଙ୍ଖଳା ସୃଷ୍ଟି କରିବା, ଏବଂ ସମାଜମଙ୍ଗଳ ପାଇଁ କାର୍ଯ୍ୟକରିବା ପରି ମହାନ ଲକ୍ଷ୍ୟକୁ ନେଇ ଏଇ ଦଣ୍ଡନାଚ କରାଯାଏ | ଦଣ୍ଡନାଚରେ ଭାଗନେଇଥିବା ଭକ୍ତଙ୍କ ମଧ୍ୟରେ ଜାତିଆଣ ମନୋଭାବ ନଥାଏ, ସମସ୍ତେ ଏକାକାର ହୋଇ ଭକ୍ତିର ସହ ନିଜ କର୍ତ୍ତବ୍ୟ ପାଳନ କରନ୍ତି | ସାତ୍ତ୍ୱିକ ଭୋଜନ, ସଂଯମତା ରକ୍ଷା ତଥା ଶୃଙ୍ଖଳାଜ୍ଞାନ ଦୃଷ୍ଟିରୁ ଏହା ମହାନ ପରମ୍ପରା |

## ଦଣ୍ଡନାଚର ପୌରାଣିକ ମହତ୍ତ୍ୱ

ସତ୍ୟ ଯୁଗରେ ବ୍ରହ୍ମାଙ୍କ ପାଞ୍ଚପୁତ୍ର ମରିଚୀ, ପୁଲହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା, ଇନ୍ଦ୍ରଙ୍କ ପାଞ୍ଚ ପୁତ୍ର ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର, ସୂରସେନ, ଗାନ୍ଧର୍ବସେନ ଓ କୁବେରଙ୍କ ତିନି ପୁତ୍ର ନଳ, ମଣିଭଦ୍ର ଓ କୁବେର ନିଜ ନିଜ ଶିକ୍ଷା ସମାପନ କରି ଘରକୁ ଫେରୁଥିବା ବାଟରେ ଋଷିପୁତ୍ର କ୍ରତୁ ପିତୃଲୋକକୁ ଜଳଦାନ କରୁଥିବା ଦେଖି ଅଟ୍ଟହାସ୍ୟ କରିଥିଲେ | ଏଥିରେ କ୍ରୋଧିତ ଋଷି ଦେବପୁତ୍ର ମାନଙ୍କୁ କୁଷ୍ଟରୋଗୀ ହେବାର ଅଭିଶାପ ଦେଇଥିଲେ | ଅଭିଶପ୍ତକୁମାର ମାନେ ଘରକୁ ଫେରି ଏହି କଥା ନିଜ ପିତାମାତାଙ୍କୁ ଜଣାଇଥିଲେ | ଏହା ଶୁଣି ବ୍ରହ୍ମା, ଇନ୍ଦ୍ର ଓ କୁବେର

ମହାମୂନୀଙ୍କ ନିକଟରେ ପହଞ୍ଚି ଅଭିଶାପ ଫେରାଇନେବା ପାଇଁ ଅନୁରୋଧ କରିଥିଲେ | ମହାମୂନୀ ଏହା ଅସମ୍ଭବ ବୋଲି କହିବା ସହିତ, କେବଳ ଦେବ ଦେବ ମହାଦେବ ହିଁ ଏହାର ପ୍ରତିକାର କରିବେ ବୋଲି ସୂଚନା ଦେଇଥିଲେ | ତା'ପରେ ତେର ଜଣ କୁମାର ଶିବାଳୟରେ ପହଞ୍ଚି ଶିବଙ୍କ ଶରଣାଗତ ହେଲେ | ଶିବ ସବୁ ଶୁଣିସାରିବା ପରେ କହିଲେ ଯେ ଯଦି କୁମାର ମାନେ ତେରଦିନ ଧରି ମା ରୂଦ୍ରକାଳୀଙ୍କୁ ପୂଜାକରି ଦଣ୍ଡବ୍ରତ ପାଳିବେ କହିଲେ ସେମାନେ ନିଜ ଅଭିଶାପରୁ ମୁକ୍ତ ହେବେ | ଏହା ଶୁଣି କୁମାରମାନେ ଦଣ୍ଡ ବ୍ରତ ପାଳନ କରିଥିଲେ ବୋଲି ପୌରାଣିକ ପୁସ୍ତକମାନଙ୍କରେ ଉଲ୍ଲେଖ ଅଛି |

ଅନ୍ୟ ଏକ ସୂତ୍ରରୁ କୁହାଯାଇଛି ତ୍ରେତୟା ଯୁଗରେ ତରଣି ନାମକ ଋଷିଙ୍କ ଚଉଦଜଣ ଉଦ୍ଧତ ପୁଅ ବିଭିନ୍ନ ନିରୀହ ଲୋକଙ୍କୁ ଅତ୍ୟାଚାର କରୁଥିଲେ | ସେମାନଙ୍କ ମଧ୍ୟରୁ ଜଣେ ଅଭକ୍ଷ ଭକ୍ଷଣ କରି ପ୍ରାଣ ହରାଇବା ଦେଖି ବ୍ରହ୍ମା ସମସ୍ତ ଋଷିପୁତ୍ରଙ୍କୁ ଉଇ ହୁଙ୍କାରେ ପରିଣତ ହେବାର ଅଭିଶାପ ଦେଲେ | ଏହି ଅଭିଶାପରୁ ମୁକୁଳିବାପାଇଁ ଋଷିପୁତ୍ରମାନେ ବିଭିନ୍ନ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିଥିଲେ |

ସେଇଥିପାଇଁ ଦଣ୍ଡନାଚ ସମୟରେ ବୀଣାକାରମାନେ କହନ୍ତି, 'ହେ ଋଷିପୁତ୍ରେ ! ଅଇଲେ ହର, ଦେଇଗଲେ ବର, ଅନ୍ୟ ସେବାଛାଡ଼ି ଏ ସେବାକର | ଏ ସେବାକଲେ କି ଫଳ ପାଏ, ଉଷୁନାଧାନ ଗଜା ହୁଏ, ଶୁଖିଲା କାଠ କଞ୍ଚା ହୁଏ, ଭଜାମୁଗ ଗଜା ହୁଏ, ଜ୍ବର ରୋଗ ଭଲ ହୁଏ ଇତ୍ୟାଦି | ଏହା ଛଡ଼ା ଦଣ୍ଡପାଳନ ବେଳେ ଋଷିଙ୍କ ପରି ବୈରାଗ୍ୟ ଜୀବନଯାପନ କରିବା ଅନିବାର୍ଯ୍ୟ |

## ଦଣ୍ଡନାଚର ବିଧି

ପାରମ୍ପରିକ ରୀତିରେ ଦଣ୍ଡନାଚ ଏକୋଇଶି ଦିନ ପର୍ଯ୍ୟନ୍ତ ହୁଏ, କିନ୍ତୁ ଆଜିକାଲି ଅନେକ ସ୍ଥାନରେ ଏହା ତେର ଦିନ ମଧ୍ୟରେ ସୀମିତ ହୋଇଛି | ଚୈତ୍ର ପୂର୍ଣ୍ଣିମାଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ | ଅନେକ ସ୍ଥାନରେ ଏହା ବିଷୁବ ସଂକ୍ରାନ୍ତିର ତେର ଦିନ ପୂର୍ବରୁ ଆରମ୍ଭ କରାଯାଏ |

ଏଥି ନିମନ୍ତେ ଗ୍ରାମ ଉପକଣ୍ଠରେ ଥିବା ଶିବ ମନ୍ଦିର କିମ୍ବା ଠାକୁରାଣୀ ମନ୍ଦିରରେ କାମନା ଘର ସ୍ଥାପନ କରାଯାଏ | ଏହି ଘରୁ ଏକ ପୂର୍ଣ୍ଣକୁମ୍ଭ ବାହାରିଥାଏ, ଯାହାକୁ କାମନା ଘଟ ବୋଲି ମଧ୍ୟ କୁହାଯାଏ | ଜନୈକ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ବାରା ପାଣି ତୋଳାଯାଇ ଏହି ବ୍ରତର

ଶୁଭାରମ୍ଭ ହୁଏ ଏବଂ ବ୍ରତ ଶେଷ ଦିନ ଏହି ଜଳକୁ ବିସର୍ଜନ କରାଯାଏ | ପ୍ରତ୍ୟେକ ଦଣ୍ଡନାଚ ଦଳରେ ତେର ଜଣ ମୁଖ୍ୟ ଭୋକ୍ତା ଏବଂ ଅନ୍ୟ କେତେଜଣ ଉପଭୋକ୍ତା ବିଭିନ୍ନ ନୀତିନିୟମ ମାନି ପାଳନ କରନ୍ତି | ଦୁଇଜଣ ଭୋକ୍ତା କାମନାଘର ଅଗ୍ନିକୁ ଜଗିଥାନ୍ତି | ଅନ୍ୟ ଭୋକ୍ତା ସେଇ ଅଗ୍ନିକୁ ଚମ୍ପାବରରେ ସଂଯୋଗକରି ଦଣ୍ଡନାଚ ଦଳରେ ବୁଲୁଥିବା ବେଳେ, ଦୁଇଜଣ ଅଗ୍ନି ଘଡ଼ିରେ ସଂଯୋଗ କରି ଖେଳରେ ଅଂଶ ଗ୍ରହଣ କରନ୍ତି | ଜଣେ ଭୋକ୍ତା ମାଟିହାଣ୍ଡିରେ ଝୁଣା ଧରିଥିବା ବେଳେ ଦୁଇଜଣ ଭୋକ୍ତା ଶିବ ପ୍ରତିମା ଓ ଗୌରୀବ୍ରତ ଧାରଣ କରନ୍ତି | ଏମାନଙ୍କ ବ୍ୟତୀତ ଅନ୍ୟମାନେ ବାଦକ, ବୀଣାକାର, ଚଢ଼େୟା ଓ ପ୍ରଭାନାଚ ଆଦି କାର୍ଯ୍ୟ ସମ୍ଭାଳିଥାନ୍ତି |

## ଦଣ୍ଡନାଚର ଭୋକ୍ତା

ଦଣ୍ଡନାଚରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଭକ୍ତ ମାନସିକ ବ୍ରତ ଧାରଣ କରି ଏଥିରେ ମିଶନ୍ତି | ଦଣ୍ଡଯାତ୍ରାର ପୂର୍ବରାତ୍ରୀରୁ ସେହି ଭକ୍ତମାନେ ଗେରୁଆ ବସ୍ତ୍ର ପିନ୍ଧି ପତାକା, ଫୁଲ ଚନ୍ଦନ ଓ ମୟୁର ପୁଚ୍ଛରେ ନିର୍ମିତ ଝାଡ଼ଣିଧରି ଘରୁ ବାହାରି ଯାଆନ୍ତି | ଏହି ସମୟରେ ଘରର ସ୍ତ୍ରୀଲୋକମାନେ ଘର ଆଗରେ ପୂର୍ଣ୍ଣକୁମ୍ଭ ସଜାଡ଼ି ଦୀପ ଜାଳନ୍ତି ଓ ସକୁଶଳ ବ୍ରତ ସମାପନ ପାଇଁ ପ୍ରାର୍ଥନା କରନ୍ତି | ଯେତେଦିନ ଯାଏଁ ଭୋକ୍ତା ଦଣ୍ଡନାଚରେ ରହନ୍ତି ସେତେ ଦିନ ପର୍ଯ୍ୟନ୍ତ ଘରର ପ୍ରତ୍ୟେକ ଲୋକ ଅତି ନିଷ୍ଠାର ସହ ଚଳନ୍ତି | ଘରେ ନିରାମିଷ ଭୋଜନହୁଏ, ଏବଂ ତାହା ଦିନରେ କେବଳ ଥରେ ରୋଷେଇ କରାଯାଏ | ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ସ୍ନାନପୂଜା ସମାପନ କରାଯାଏ |

ଦଣ୍ଡନାଚର ପୂର୍ବରାତ୍ରୀରେ ସମସ୍ତ ଭୋକ୍ତା ଗାଁ କାମନା ଘର ପାଖରେ ଏକାଠି ହୁଅନ୍ତି, ଏବଂ ସେମାନଙ୍କୁ ଆନୁଷ୍ଠାନିକ ଭାବେ ଦଣ୍ଡୁଆ ବୋଲି କୁହାଯାଏ | ଏବଂ ଦଳର ମୁଖିଆଙ୍କୁ ପାଟଦଣ୍ଡୁଆ ବୋଲି କୁହାଯାଏ | ସେହି ରାତ୍ରୀରେ ମନ୍ଦିରରେ ହୋମ ତଥା ଘୃତଯଜ୍ଞ କରାଯାଏ | ତା'ପରେ ଦଣ୍ଡୁଆମାନେ ପାରମ୍ପରିକ ରୀତିରେ ଦଣ୍ଡ ଆଣନ୍ତି | ସମସ୍ତେ ଯଜ୍ଞ ଉପବୀତ ଗ୍ରହଣ କଲାପରେ ଦୁଇଟି ବାଉଁଶ କାଠକୁ ଘଷି ଅଗ୍ନିଜାତ କରନ୍ତି, ଏହାକୁ ଶିବାଗ୍ନି କୁହାଯାଏ | ଏହି ଅଗ୍ନିକୁ କୁଶବା ପାଳର ତିଆରି ଚମ୍ପାବରରେ ରୋପଣ କରାଯାଏ, ଯାହା ଦଣ୍ଡନାଚ ସମାପ୍ତ ହେବାଯାଏଁ ରଖାଯାଏ | କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗମୂର୍ତ୍ତୀ, ମୟୁରପୁଚ୍ଛ, ପତାକା ଆଦି ପୂଜାପରେ ଦଣ୍ଡନାଚ ଆରମ୍ଭ ହୁଏ

| ପ୍ରଥମ ଦିନ କାମନା ମନ୍ଦିର ଆଗରେ ନାଚ ହୁଏ | ତା'ପରେ ନିମନ୍ତ୍ରଣ ଅନୁସାରେ ବିଭିନ୍ନ ଗ୍ରାମ ଓ ସହରକୁ ଏମାନେ ଚାଲି ଚାଲି ଯାଇ ଦଣ୍ଡନାଚ କରିଥାନ୍ତି | ଢୋଲ ଓ ମହୁରୀ ଏହି ନାଚର ମୁଖ୍ୟ ବାଦ୍ୟଯନ୍ତ୍ର | ଏହି ନାଚରେ ଢୋଲ ବାଦକଙ୍କୁ ପାଟ ଢୋଲିଆ ବୋଲି କୁହାଯାଏ |

## ଦଣ୍ଡନାଚ ସମୟରେ ଦିନଚର୍ଯ୍ୟା

ଦଣ୍ଡନାଚ ସମୟରେ ପ୍ରତିଦିନ ଜଣେ ମାନସିକଧାରୀ ଭକ୍ତଙ୍କ ନିମନ୍ତ୍ରଣକ୍ରମେ ଏହି ନାଚ ଆୟୋଜନ କରାଯାଏ | ଏଥିପାଇଁ ସମସ୍ତ ଖର୍ଚ୍ଚ ସେହି ମାନସିକଧାରୀ ଗୃହକର୍ତ୍ତାଙ୍କୁ ବହନ କରିବାକୁ ପଡ଼ିଥାଏ | ପ୍ରତ୍ୟେକ ଦଣ୍ଡନାଚ ଦଳରେ ଅନ୍ୟୁନ ପନ୍ଦରଜଣ ଭୋକ୍ତା ଥାଆନ୍ତି, ଏବଂ ଏମାନଙ୍କ ବ୍ୟତୀତ ନାଟକ କରୁଥିବା କିଛି ଲୋକ ବି ରହନ୍ତି | ଏମାନଙ୍କ ରହିବା ଖାଇବା ଆଦି ଆନୁସଙ୍ଗିକ ଖର୍ଚ୍ଚ ମାନସିକଧାରୀ ଗୃହକର୍ତ୍ତାଙ୍କୁ ଦେବାକୁ ହୁଏ | ଗଞ୍ଜାମ ଜିଲ୍ଲାରେ କୁଲାଡ଼ର ଦଣ୍ଡନାଚ ଦଳରେ ସର୍ବାଧିକ ଭୋକ୍ତା ସାମିଲ ହୁଅନ୍ତି | ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମାନସିକଧାରୀମାନେ ଆସି ଏଠାରେ ଦଣ୍ଡଦଳରେ ସାମିଲହୁଅନ୍ତି | ବେଳେ ବେଳେ ଏହି ଦଣ୍ଡନାଚ ଦଳରେ ହଜାରରୁ ଅଧିକ ଭୋକ୍ତା ହୁଅନ୍ତି | ଏହିପରି ଏକ ଦଳକୁ ନିମନ୍ତ୍ରଣ କରୁଥିବା ଗୃହକର୍ତ୍ତାଙ୍କୁ ଏମାନଙ୍କ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ |

ଦଣ୍ଡନାଚ ଦଳ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଯେତେବେଳେ ଭକ୍ତଙ୍କ ଗାଁ ମୁଣ୍ଡରେ ପହଞ୍ଚନ୍ତି, ସେତେବେଳେ ମାନସିକକର୍ତ୍ତା ଆସି ସେମାନଙ୍କୁ ନିମନ୍ତ୍ରଣ କରି ନିଅନ୍ତି | ଦଣ୍ଡୁଆମାନେ ଭକ୍ତର ଘର ସାମନାରେ ଜଳରୋପଣ କରି ଗ୍ରାମ ଉପକଣ୍ଠରେ ଥିବା ଆମ୍ବତୋଟା, ପୋଖରୀକୂଳ, ନଦୀକୂଳ, ମଠ ବେଢ଼ା କିମ୍ବା ସ୍କୁଲ ପରିସରରେ ଆଶ୍ରୟ ନିଅନ୍ତି | ଦ୍ୱିପହର ସମୟରେ ଧୂଳିଦଣ୍ଡ ହୁଏ | ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ଦଣ୍ଡୁଆମାନେ ତାତିଲା ଧୂଳିରେ ଗଡ଼ି ଗଡ଼ି ଦଣ୍ଡନାଚ କରନ୍ତି | ଏହି ସମୟରେ ମୁଖ୍ୟତଃ ଆମର କୃଷିଭିତ୍ତିକ କାର୍ଯ୍ୟକ୍ରମ ସବୁ କରାଯାଏ, ଯଥା କୃଷିକ୍ଷେତ୍ର ତିଆରି କରିବା, ବୀଜ ବୁଣିବା, ଭୂମିପୂଜା କରିବା, ମନ୍ଦିର ନିର୍ମାଣ କରିବା, ହଳ ଚଳେଇବା, ଲୁଗା ବୁଣିବା, ହଳଦୀ ବାଟିବା, କୂଅ ଖୋଳିବା ଇତ୍ୟାଦି | ଆହୁରି ମଧ୍ୟ ଧାନ ରୋପିବା, ଧାନ ବାଛିବା, ଅମଳ କରିବା, କୃଷକର ସ୍ତ୍ରୀ ଘୋଟଣା ଧରି ଆସିବା ଇତ୍ୟାଦି ଦୃଶ୍ୟକୁ ଆମୋଦକର ଭାବରେ ପରିବେଷଣ କରାଯାଏ | ଧୂଳିଦଣ୍ଡ ସମୟରେ ଆଜିକାଲି ଅନେକ ଆମୋଦକର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି | ଏହି

କାର୍ଯ୍ୟକ୍ରମ ସମାପନ ପରେ ସମସ୍ତ ଦଣ୍ଡୁଆ ଗାଁ ଦାଣ୍ଡରେ ଶୋଇରହନ୍ତି ଏବଂ ସେମାନଙ୍କ ଉପରେ କାଠ ଦଣ୍ଡା ପକାଇ ନଡ଼ିଆ ଭଙ୍ଗାଯାଏ | ଏବଂ ଧୁଳିଦଣ୍ଡ ସମାପନ କରାଯାଏ |

ଧୁଳିଦଣ୍ଡ ପରେ ସମସ୍ତ ଦଣ୍ଡୁଆ ଗାଁ ପୋଖରୀ ନିକଟକୁ ଯାଆନ୍ତି ଏବଂ ପାଣିଦଣ୍ଡ କରନ୍ତି | ଏହି ସମୟରେ ପ୍ରତ୍ୟେକ ଦଣ୍ଡୁଆ ନିଜର ନିତ୍ୟକର୍ମ ସାରନ୍ତି | ଛଅ ଆଙ୍ଗୁଳି ବିଶିଷ୍ଟ ଆମ୍ବଡାଳ ଦ୍ବାରା ଦାନ୍ତ ସଫାକରନ୍ତି | ପୋଖରୀରେ ତେରଥର ବୁଡ଼ପକାଇ ତେର ଆଞ୍ଜୁଳା ବାଲି ଆଣି କୂଳରେ ଶିବଲିଙ୍ଗ ସ୍ଥାପନ କରନ୍ତି | ଏଠାରେ ଶିବ ପାର୍ବତୀ ଓ କାଳୀଙ୍କ ଆରାଧନା କରାଯାଏ ଏବଂ ସମସ୍ତ ଦଣ୍ଡୁଆଙ୍କୁ ନୂଆ ଉପବୀତ ଧାରଣ କରାଯାଏ | ଭକ୍ତମାନେ ଆଣିଥିବା ଭୋଗସାମଗ୍ରୀକୁ ପୂଜା କରାଯାଇ ଲିଆପଣା ସେବନ କରାଯାଏ | ତା'ପରେ ପାଳରେ ନିର୍ମିତ ଦୁଇଟି ବିଶେଷ ଆକାରର ମସାଲରେ ଅଗ୍ନିସଂଯୋଗ କରି ଝୁଣାଦ୍ବାରା ଅଗ୍ନିଖେଳ କରାଯାଏ | ଏହାପରେ ପାଣିଦଣ୍ଡ ସମାପ୍ତ ହୁଏ |

ସନ୍ଧ୍ୟା ସମୟରେ ଯଜମାନଙ୍କ ଘର ସାମନରେ ଆରତୀପୂଜା ହୁଏ | ଢୋଲ ବାଜଣା ମଧ୍ୟରେ ବିଭିନ୍ନ ବ୍ୟକ୍ତି ତଥା ଦଣ୍ଡୁଆମାନେ ଠାକୁରଙ୍କ ଚରଣାଶ୍ରିତ ହୋଇ ବିନମ୍ର ପ୍ରଣତି ଜଣାନ୍ତି | ଏହାପରେ ଦଣ୍ଡୁଆ ମାନେ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରନ୍ତି | ଏଥିରେ ଅରୁଆ ଚାଉଳରେ ନିର୍ମିତ ଅନ୍ନ, ମୁଗଡ଼ାଲି ଓ ପନିପରିବା ନେଇ ସ୍ବତନ୍ତ୍ର ଭାବରେ ନିର୍ମିତ ଚୁଲ୍ହାରେ ରୋଷେଇ ହୋଇଥିବା ସାତ୍ତ୍ବିକ ଭୋଜନ | ମଧ୍ୟରାତ୍ରୀରେ ନିଃଶବ୍ଦ ପ୍ରହରରେ ଅଦଟା ଓ ଅଫୁଟା ଭାବରେ ପ୍ରସ୍ତୁତ ନିଖୁଣ ହବିଷାନ୍ନ କାଳୀଙ୍କ ଭୋଗ ଲାଗିବା ପରେ ଢୋଲ, ଘଣ୍ଟା ଓ ଝାଞ୍ଜର ଶବ୍ଦ ମଧ୍ୟରେ ପ୍ରସାଦ ସେବନ କରାଯାଏ | ଏହିପରି କରିବା ଦ୍ବାରା ଅଶ୍ରାବ୍ୟ ଶବ୍ଦ ଶୁଣାଯାଏନି | କାରଣ ନିଷ୍ଠାର ସହ ସମ୍ପାଦନ ହେଉଥିବା ପ୍ରସାଦ ସେବନ ସମୟରେ ଯଦି କୌଣସି ପଶୁ କିମ୍ବା ପକ୍ଷୀର ଶବ୍ଦ ଶୁଣାଯାଏ ତା'ହେଲେ ପ୍ରସାଦ ସେବନ ବନ୍ଦ ହୁଏ ଏବଂ ସମସ୍ତ ଦଣ୍ଡୁଆ ସେଦିନ ଭୋକରେ ରହନ୍ତି | ଭୋଜନ ସମୟରେ ସମସ୍ତ ଦଣ୍ଡୁଆ 'କାଳ ରୁଦ୍ରମଣୀଙ୍କୁ ଭଜ ହେ' ଡାକ ଦେଇ ଦେଇ ପ୍ରସାଦ ସେବନ କରନ୍ତି | ଏହାକୁ ବନଦଣ୍ଡ ବୋଲି କୁହାଯାଏ | ଏହାପରେ ସମସ୍ତ ଦଣ୍ଡୁଆ ମହୁରୀ, କାହାଳୀ, ଢୋଲ ଓ ଘଣ୍ଟା ବଜାଇ ବଜାଇ ଯଜମାନଙ୍କ ଘର ସମ୍ମୁଖରେ ପହଞ୍ଚନ୍ତି | ଯାତ୍ରା ସମୟରେ ଅଗ୍ନିଦଣ୍ଡ ଧରି ସେଥିରେ

ଝୁଣାଦ୍ୱାରା ଅଗ୍ନିଖେଳ ଦେଖାଇ ଦେଖାଇ ସେମାନେ ଗ୍ରାମ ପରିକ୍ରମା କରନ୍ତି | ଏହି ସମୟରେ ମଧ୍ୟ 'କାଳ ରୂଦ୍ରମଣୀଙ୍କୁ ଭଜ ହେ' ଧ୍ୱନୀରେ ଗଗନ ପବନ କମ୍ପିଉଠେ |

ଯଜମାନଙ୍କ ଦ୍ୱାରରେ ପାଟ ଦଣ୍ଡୁଆଙ୍କ ନିର୍ଦ୍ଦେଶରେ ଜଣେ ଦଣ୍ଡୁଆଙ୍କୁ କଳା ପୋଷାକ ପିନ୍ଧାଇ ଦିଆଯାଏ | ମୁଣ୍ଡରେ କଳାକନା ବାନ୍ଧି, ରକ୍ତ ସିନ୍ଦୁର ଚିତା ଲଗାଇ କାଳୀପ୍ରଭା ଧାରଣ କରାଯାଏ | ଏହାପରେ ଭକ୍ତ ଉପରେ କାଳୀ ଠାକୁରାଣୀ ପ୍ରବେଶ କରନ୍ତି | ଏହି ସମୟରେ ସେହି ଭକ୍ତଙ୍କ ଉଦ୍ଦଣ୍ଡ ନୃତ୍ୟ ମନରେ ଭୟ ସଂଚାର କରାଏ | ଏହି ନୃତ୍ୟ ଅତ୍ୟନ୍ତ ଭୟଙ୍କର ଓ ରୋମାଞ୍ଚକର ତେଣୁ ଛୋଟ ଶିଶୁମାନଙ୍କୁ ଏହି ସମୟରେ ଘର ଭିତରେ ରଖାଯାଏ | ଝୁଣାର ପ୍ରୟୋଗ, ଢୋଲ ଓ ଘଣ୍ଟର ଶବ୍ଦଦ୍ୱାରା କାଳୀଙ୍କୁ ପ୍ରସନ୍ନ କରାଯାଏ | ଏହା ସମାପ୍ତ ହେବାପରେ ପାଟ ଦଣ୍ଡୁଆ ମଞ୍ଚ ଉପରକୁ ଆସି ଈଶ୍ୱରପାର୍ବତୀଙ୍କ ଗୁଣଗାନ କରିବାପରେ ଶିବପାର୍ବତୀ ଆସନ୍ତି | ଚଢ଼େୟା ପୂଜାରେ ଶିବାପାର୍ବତୀ ସନ୍ତୁଷ୍ଟ ହୁଅନ୍ତି | ଚଢ଼େୟାକୁ ପଶୁପକ୍ଷୀ ଶୀକାର କରିବାକୁ ଅନୁମତି ଦିଅନ୍ତି କିନ୍ତୁ ଶୁଆ, ଶାରୀ, କପୋତ, ପାରା ଓ ମୟୁରକୁ ନ ମାରିବାପାଇଁ ନିର୍ଦ୍ଦେଶ ଦିଅନ୍ତି | ଏହାର ବ୍ୟତିକ୍ରମ ହେଲେ ସର୍ପାଘାତରେ ମୃତ୍ୟୁ ହେବ ବୋଲି କୁହନ୍ତି | କିନ୍ତୁ ଚଢ଼େୟାଣୀର ଅନୁରୋଧରେ କପୋତ ଶୀକାର କରି ସେ ସର୍ପାଘାତର ଶୀକାର ହୁଏ | ଏହାପରେ ଚଢ଼େୟାଣୀ ଶିବପାର୍ବତୀଙ୍କୁ ପ୍ରାର୍ଥନା କରେ | ତା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଚଢ଼େୟାର ଜୀବନ ଫେରାଇ ଦିଅନ୍ତି |

ଆଜିକାଲି ଚଢେୟା ନାଚ ପରେ ଅପେରା ନାଟକ କରାଯାଉଛି | ଏଥିପାଇଁ ପ୍ରତ୍ୟେକ ଦଣ୍ଡନାଚ ଦଳରେ ଅଲଗା ଲୋକ ରହୁଛନ୍ତି | ସେମାନେ ଦଣ୍ଡନାଚ ପୂର୍ବରୁ ଏଥିପାଇଁ ଅଭ୍ୟାସ କରନ୍ତି | ବଡ଼ ବଡ଼ ମଞ୍ଚ ତିଆରି ହୁଏ | ଆଲୋକ ଓ ଶବ୍ଦସଜ୍ଜା ସହ ଅନେକ ନୁଆ ନୁଆ ଜ୍ଞାନ କୌଶଳ ବ୍ୟବହାର କରାଯାଉଛି | ଅବଶ୍ୟ ଏଥିରେ ବେଳେ ବେଳେ ଅଶ୍ଳୀଳତାକୁ ଶ୍ରେୟ ଦିଆଯାଉଛି ବୋଲି ଅଭିଯୋଗ ହେଉଛି | ଅର୍ଦ୍ଧରାତ୍ରରେ ନାଟକ ପରିବେଷଣ ହେଉଥିବା ବେଳେ ଏଥିରେ ସାମାନ୍ୟ ଅଶ୍ଳୀଳତାକୁ ସ୍ବୀକାର୍ଯ୍ୟ ଭାବି ଅନେକ ଅଭିଯୋଗ କରନ୍ତି ନାହିଁ |


ସମାଜରେ ଜାତିଧର୍ମ ଭେଦଭାବ ଆଣିବାକୁ ଚାହୁଁଥିବା ବ୍ୟକ୍ତି ଦଣ୍ଡନାଚର ମହତ୍ତ୍ୱକୁ ବୁଝିବା ଉଚିତ | ଏହି ପ୍ରଥାଦ୍ୱାରା କେବଳ

ଜାତିଧର୍ମ ହି ନୁହେଁ ବରଂ ଏହାଦ୍ବାରା ପରସ୍ପର ମଧ୍ୟରେ ମିତ୍ରତା ଓ ଭାତୃତ୍ବର ବିକାଶ କରିବା ହେଉଛି ଏହି ପୁରାତନ ପ୍ରଥାର ଏକ ଅଭୁତପୂର୍ବ ଦିଗ | ଯେତେଦିନ ଯାଏଁ ମନୁଷ୍ୟ ମନରୁ ମୃତ୍ୟୁର ଭୟ ଯାଇନାହିଁ, ସେତେଦିନ ଯାଏଁ ସମାଜରେ ଭଗବତବାଦ ଚାଲୁରହିବ | ଏବଂ ସେତେ ଦିନ ଯାଏଁ ଗଞ୍ଜାମର ଏହି ଅନନ୍ୟ ପରମ୍ପରା ଜୀବିତ ରହିବ | ଅନେକ ଲୋକ ଦଣ୍ଡନାଚରେ ଭାଗ ନିଅନ୍ତି କେହି କେହି ନିଜର ଦୁରାରୋଗ୍ୟ ବ୍ୟାଧିକୁ ଦୂର କରିବାପାଇଁ ତ କେହି କେହି ନିଜର ମନୋସ୍କାମନା ପୁରଣ କରିବା ପାଇଁ, ଆଜିକାଲି ଛୋଟ ଶିଶୁମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କଲେଣି | ଯଦିଓ ଅନେକ ସ୍ଥାନରେ ଏହା ବାରଣ ଅଛି | ମୁଁ ଏହି ଲେଖା ପାଇଁ ଚିତ୍ରୋତ୍ତଳନ କରୁଥିବା ସମୟରେ ୧୨-୧୩ ବର୍ଷ ବୟସର ଦୁଇଜଣ ବାଳକ ଦଣ୍ଡନାଚରେ ଭାଗ ନେଇଥିବା ଦେଖିଛି |

**ପବିତ୍ର ମହା ବିଷୁବ ସଂକ୍ରାନ୍ତୀ, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଇଁ ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ବାନ ଇ-ପତ୍ରିକା ଏବଂ ଆହ୍ବାନ୍ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

# ପୁସ୍ତକ ସମୀକ୍ଷା


# 'ମୁକ୍ତ ମନର ବିଚାର' ପୁସ୍ତକ ସମୀକ୍ଷା




ଶ୍ରୀ ବାଲ୍ମୀକି ନାୟକଙ୍କ ଦ୍ବାରା ରଚିତ, ଏବଂ ଚର୍ଚ୍ଚା ପ୍ରକାଶନ ଦ୍ବାରା ପ୍ରକାଶିତ ପୁସ୍ତକ ମୁକ୍ତ ମନର ବିଚାର ଆମ ହସ୍ତଗତ ହୋଇଛି | ଏହି ପୁସ୍ତକରେ ଲେଖକ ଶ୍ରୀ ନାୟକଙ୍କ ଦ୍ବାରା ଲିଖିତ ୩୫ଟି ଲେଖ ପ୍ରକାଶିତ ହୋଇଛି | ସୁନ୍ଦର ପ୍ରଚ୍ଛଦ ଓ ପରିପାଟୀରେ ସମ୍ପୂର୍ଣ୍ଣ ଏହି ପୁସ୍ତକ ପ୍ରକାଶକଙ୍କ ଦ୍ବାରା ୧୬୦ ଟଙ୍କାରେ ବିକ୍ରୀନିମନ୍ତେ ଉପଲବ୍ଧ ଥିବା କଥା ଜଣାଯାଇଛି |

ପୁସ୍ତକର ପ୍ରଚ୍ଛଦକୁ ପୁସ୍ତକର ମୂଳ ଚିନ୍ତାଧାରସହ ଯୋଡ଼ି ତିଆରି କରିଛନ୍ତି ରମେଶ ଅଲ୍ଲୀ ବେସାନ୍ତ ଏବଂ ଲେଖକ ଏହି ପୁସ୍ତକକୁ ଶ୍ରୀମତି ମମତାଙ୍କୁ ଉତ୍ସର୍ଗ କରିଛନ୍ତି |

ଶ୍ରୀ ବାଲ୍ମୀକି ନାୟକଙ୍କର ଏହି ପ୍ରବନ୍ଧ ସଂକଳନ ଏକ ଚିନ୍ତା ଉଦ୍ରେକକାରୀ ସାରସ୍ବତ କୃତି | ସମାଜର ପ୍ରଚଳିତ ବିଶ୍ବାସ, କୁସଂସ୍କାର, ପରମ୍ପରା ଓ ଧାର୍ମିକ ଆବେଗ ବିଷୟରେ ଲେଖକ ପ୍ରବନ୍ଧ ଗୁଡ଼ିକରେ ଅନୁଶୀଳନ କରିଛନ୍ତି | ଆମ ସାମାଜିକ ଅନଗ୍ରସରତା ପାଇଁ କିପରି ଆମର ଅହେତୁକ ବିଶାସ ଓ କୁସଂସ୍କାର ଦାୟୀ , ତାହାର ବିଭିନ୍ନ ସମାଜଶାସ୍ତ୍ରିକ ବିଶ୍ଳେଷଣ ଦେଇଛନ୍ତି | ସମାଜରୁ କୁସଂସ୍କାର, ଅପସଂସ୍କୃତି, ଅହେତୁକ ବିଶ୍ବାସ, ଧାର୍ମିକ ଶୋଷଣକୁ ଦୂର କରିବା କ୍ଷେତ୍ରରେ ସେ ନିଜର ଗମ୍ଭୀର ସଂପୃକ୍ତି ବ୍ୟକ୍ତ କରିଛନ୍ତି | ଲେଖା ଗୁଡ଼ିକ ମଧ୍ୟରେ ଲେଖକ ସାମାଜିକ ଅନ୍ୟାୟ, ଶୋଷଣ, ବୈଷମ୍ୟଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଭିତରେ ଏ ସବୁର ମୂଳ ଆଧାର କିପରି ଧାର୍ମିକ ମାନସିକତା ଉପରେ ତିଷ୍ଠି ରହିଛି ତାହା ଦର୍ଶାଇଛନ୍ତି | ପୁନଶ୍ଚ ଆମ ସମାଜରେ ଗୁଣିଆ, ମନ୍ତ୍ର, ତନ୍ତ୍ର, ଡେଉଁରିଆ, ଭାଗ୍ୟ, ଜ୍ୟୋତିଷ ଇତ୍ୟାଦିର ଏତେ ପ୍ରଚାର ହୁଏ ଯେ ଏ ସବୁ ବିଷୟରେ ଜଣେ ସାଧାରଣ ମନୁଷ୍ୟ ସହଜରେ ଶୋଷିତ ହୋଇଥାଏ | ପାରଲୌକିକ ଜୀବନ-ଦର୍ଶନ ଓ ଭାଗ୍ୟବାଦ କିପରି ଆମ ଅନଗ୍ରସରତା



ଓ ଅବକ୍ଷୟର ମୂଳକାରଣ ହୋଇଛି ତାହା ବି ଲେଖକ ସୁନ୍ଦର ଭାବେ ବ୍ୟାଖ୍ୟା କରିଛନ୍ତି | ଲେଖକ ହେତୁବାଦୀ ଜୀବନ ଦର୍ଶନର ବାର୍ତ୍ତା ଲେଖାମାନଙ୍କ ଜରିଆରେ ଦେବାକୁ ପ୍ରୟାସ କରିଛନ୍ତି |

ଲେଖକ ନିଜର ଅନୁଭୂତି ଓ ଶାଣିତ ବ୍ୟଙ୍ଗ ଦ୍ବାରା ସମାଜର କ୍ଷୟଶୀଳ ପରିସ୍ଥିତି ଓ ଧାର୍ମିକ କୁସଂସ୍କାର ବିରୁଦ୍ଧରେ ବେଶ ଭାବଗର୍ଭକ ଯୁକ୍ତି ଦେଇଛନ୍ତି | ଜଣେ ପାଠକ ଲେଖକଙ୍କର ସମସ୍ତ ମତ ସହ ସହମତ ନହେଲେ ବି ଲେଖକଙ୍କର ଯୁକ୍ତିର ଯଥାର୍ଥତା ପ୍ରତି ଉଦାସୀନ ରହିପାରିବ ନାହିଁ |

ଏହି ପୁସ୍ତକଟି ଓଡ଼ିଆ ହେତୁବାଦୀ ସାହିତ୍ୟ ସମ୍ଭାରକୁ ଯେ ପରିପୁଷ୍ଟ କରିବ ଏହା କୁହାଯାଇପାରେ | ଆମର ଦୃଢ଼ ବିଶ୍ବାସ ଯେ ପୁସ୍ତକଟି ପାଠକମହଲରେ ନିଶ୍ଚୟ ଆଦୃତ ହେବ | ପୁସ୍ତକ ପାଇବା ପାଇଁ ଯୋଗାଯୋଗ କରନ୍ତୁ : -

ମୁକ୍ତ ମନର ବିଚାର

ଲେଖକ - ବାଲ୍ମୀକି ନାୟକ


ପ୍ରକାଶକ -

ଚର୍ଚ୍ଚା ପ୍ରକାଶନ, ମର୍କତ ନଗର, କଟକ-୧୪

ଫୋନ୍ :

୯୪୩୮ ୪୦୫୦୬ /

୦୮୦୮୮୩୨୪୭୭୮



# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ । ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ବାନ'